# ମନ ଦୃଢ଼ ଥିଲେ ବୟସ ହାର ମାନେ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୨୩ା୭ (ସ୍ୱ.ପ୍ର.)

**ଦୋକାନ ଦେଇଛି ଉଭୟଙ୍କୁ ସ୍ୱତନ୍ତ୍ର ପରିଚୟ**


ବାସୁଦେବ (ବାମ), ଶ୍ୟାମସୁନ୍ଦର (ଡାହାଣ)

ମନ ଦୃଢ ଥିଲେ ବୟସ ମଧ୍ୟ ହାର ମାନିଥାଏ। ପରିଣତ ବୟସରେ ଅନେକ ଘରେ ବିଶ୍ରାମ ନେଇ ନାତିନାତୁଣୀଙ୍କ ସହିତ ଖେଳକୁଦ କରୁଛନ୍ତି। ସେମାନେ ବୟସରେ ବୃଦ୍ଧ କିନ୍ତୁ କାମରେ ଆଜିକାର ଯୁବକଙ୍କଠାରୁ ବହୁ ଆଗରେ। ବ୍ୟକ୍ତି ୨ଜଣ ହେଲେ ଶ୍ୟାମସୁନ୍ଦର ବାରିକ (୮୫) ଓ ବାସୁଦେବ ମଲ୍ଲିକ (୬୮)। କେନ୍ଦୁଝର ସହରର ମୁଖ୍ୟ ବଜାରରେ ଉଭୟଙ୍କ ଦୋକାନ ରହିଛି। ଶ୍ୟାମଙ୍କର ଏକ ସେଲୁନ ଥିବାବେଳେ ବାସୁଦେବଙ୍କର ପାନ ଦୋକାନ ଖଣ୍ଡିଏ ଅଛି। ଦୁଇଟି ଯାକ ଦୋକାନ ବହୁ ପୁରୁଣା ହୋଇଥିବାରୁ ସେହି ଅଞ୍ଚଳରେ ସମସ୍ତେ ସେମାନଙ୍କୁ ଜାଣନ୍ତି। ଦୁଇ ଜଣଙ୍କ ମଧ୍ୟରେ ରହିଛି ପୁରୁଣା ବନ୍ଧୁତ୍ୱ। ଏଣୁ କାମ ସହିତ ଦୁଇ ଜଣଙ୍କ ମଧ୍ୟରେ ଥଟ୍ଟାମଜା ଏବଂ ଅନ୍ୟମାନଙ୍କ ସହିତ ସୁସମ୍ପର୍କ ସେମାନଙ୍କୁ ଭିନ୍ନ ପରିଚୟ ଦେଇଛି।

ଶ୍ୟାମ ହେଉଛନ୍ତି କେନ୍ଦୁଝର ସହରର ପ୍ରଥମ ସେଲୁନ ଦୋକାନୀ। କୋଲକାତାରୁ ଫେରି ଆସି ସେଲୁନ କରି ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ଆଗରୁ ବିଭିନ୍ନ ଆଶ୍ରମ ବିଦ୍ୟାଳୟର ଛାତ୍ରାବାସକୁ ଯାଇ ଚୁଟି କାଟିବା, ବଡବଡ ସରକାରୀ ବାବୁ ତଥା ପ୍ରତିଷ୍ଠିତ ଲୋକଙ୍କ ଘରକୁ ଯାଇ ଚୁଟି କାଟିବା ନିଆରା ଅନୁଭୂତି ରହିଥିବା ଶ୍ୟାମ କହିଛନ୍ତି। ୧୮ ବର୍ଷ ତଳେ ରୋଗାଗ୍ରସ୍ତ କାରଣରୁ ଗୋଡ କାଟିବାକୁ ପଡିଥିଲା । ଏହା ସତ୍ତ୍ୱେ ଆଶାବାଡି ଧରି ଚୁଟି କାଟିବା ଛାଡି ନାହାନ୍ତି। ଏବେ ତାଙ୍କୁ ୮୫ ବର୍ଷ। ତାଙ୍କର ଉତ୍ତମ ବ୍ୟବହାର ଯୋଗୁ ଚୁଟି କାଟିବା ପାଇଁ ତାଙ୍କ ସେଲୁନକୁ ବହୁ ଲୋକ ଆସିଥାନ୍ତି। ଏଣୁ ଲୋକଙ୍କ ସହିତ ଭାବ ଓ କାମ କରିବାର ଦୃଢ ଆଶା ତାଙ୍କୁ ଏହି ବୟସରେ ତାଙ୍କର ଅନ୍ନପୂର୍ଣ୍ଣା ସେଲୁନକୁ ସ୍ୱତନ୍ତ୍ର ପରିଚୟ ଦେଇଛି।

ସେହିପରି ୧୫ ବର୍ଷ ବୟସରେ ବାଙ୍କୀ ଅଞ୍ଚଳରୁ କେନ୍ଦୁଝର ଚାଲିଆସିଥିବା ବାସୁଦେବ ୧୯୬୬ ମସିହାରୁ ଏଠାରେ ପାନ ଦୋକାନ କରିଛନ୍ତି। ଯାହାକି ନନା ପାନ ଦୋକାନ ଭାବେ ବେଶ୍ ପରିଚିତ। ନନା ପାନ ଦୋକାନରୁ ପାନ ଖଣ୍ଡେ ପାଇଁ ସମସ୍ତଙ୍କୁ ଅପେକ୍ଷା କରିବାକୁ ପଡିଥାଏ। ଥରେ ଖାଇଲେ ଆଉ କେଉଁଠି ଖାଇବାକୁ ଭଲ ଲାଗେ ନାହିଁ। ଏଣୁ ଅନେକେ ପାନ ପାଇଁ ଅପେକ୍ଷା କରନ୍ତି ନଚେତ ବରାଦ ଦେଇ ବିଳମ୍ବରେ ଆସି ନେଇଥାନ୍ତି। ତାଙ୍କର ପାନର ସ୍ୱାଦ ଓ ଓଠର ମଧୁର କଥା ଅନେକଙ୍କୁ ବେଶ୍ ପ୍ରଭାବିତ କରିଥାଏ । ପ୍ରଥମେ ସେ କେନ୍ଦୁଝରରେ ଚାକିରି କରୁଥିଲେ। ଗାଁରେ ଥରେ ସରପଞ୍ଚ ପଦବୀ ଜିତିଥିଲେ । ତେବେ ପାନ ଦୋକାନ କରି ପରିବାର ଚଳାଇବା ସହ ଲୋକଙ୍କ ସହ ମିଶିବାର ସୁଯୋଗ ତାଙ୍କୁ ବେଶ୍ ଖୁସି ଦେଇଛି । ଏବେ ତାଙ୍କର ଏକମାତ୍ର ପୁଅ ତାଙ୍କୁ ସହାୟତା କରିବା ସହ ନିଜେ କାମ ଶିଖିବାରେ ଲାଗିଛନ୍ତି ବୋଲି ବାସୁଦେବ କହିଛନ୍ତି। ଉଭୟଙ୍କ ଦୈନିକ କାମ ଦେଖି ଅନେକ ଯୁବକ ଆଶ୍ଚର୍ଯ୍ୟ ହେଉଥିବାବେଳେ ଅନେକଙ୍କୁ ରୋଜଗାର କରିବାର ପ୍ରେରଣା ମଧ୍ୟ ଯୋଗାଇଛି। କାରଣ ବୟସର ଅପରାହ୍ନରେ ଦୁହେଁ କେବେ ଥକି ଯାଇନାହାନ୍ତି।

## ପ୍ରବାସୀଙ୍କ ଫନୀ ସହାୟତା

କେନ୍ଦୁଝର, ୨୩ା୭(ସ୍ୱ.ପ୍ର.)

ଆମେରିକାରେ ରହୁଥିବା ଓଡିଶା କଲଚରାଲ ସେଣ୍ଟର, ହୋଷ୍ଟନ, ଟେକ୍ସାସର ଓଡିଆ ପ୍ରବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଫନୀ ବାତ୍ୟାର କ୍ଷୟକ୍ଷତି ପାଇଁ ୫.୫୦୦ ଡଲାର ପ୍ରଦାନ କରାଯାଇଛି। ସେମାନଙ୍କ ଏହି ସହାୟତା ଲାଗି ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜ୍ଞାପନ କରିଛନ୍ତି।

**PARADIP PORT TRUST**
**e-TENDERING NOTICE**
Online tenders in three bid system i.e. **(1) EMD Bid (2) Technical Bid (3) Price Bid are invited from manufacturers / authorized dealers for supply of Electrical items.** The last date and time of submission of the tender is **17.15 Hours on Dt. 13.08.2019.** For details, log on to website : https://eprocure.gov.in/eprocure/app
**Sr. Dy. Materials Manager**
**PPT/PR/208/2019-20, Dt.23.07.2019**

**PARADIP PORT TRUST**
**e-TENDER NOTICE :**
Name of the work **"Supply, Installation, Testing and Commissioning of Smart Meter"** at Paradip Port. Estimated cost: **Rs. 1,88,36,121/-**, Last date & time of submission of bid Dt. **12/08/2019 up to 16:30 Hrs.** Refer our website for details https://eprocure.gov.in/eprocure/app
**Sd/-**
**Executive Engineer (PED-II)**
**PPT/PR/207/19-20 Dt. 23.07.2019**

**MCL** | **ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ - (EPABX) : ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

**ଇ-ଟେଣ୍ଡର ବିଜ୍ଞପ୍ତି**

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ **(https://coalindiatenders.nic.in)** ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ **(https://eprocure.gov.in)** ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

| କ୍ର. ସଂ. | ଟେଣ୍ଡର ଆଇଡି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ In (₹) |
|---|---|---|---|
| 1 | 2019_MCL_144367_1 | Supply of Operator seat for CAT 773 DDumpers. | 290134.00 |
| 2 | 2019_MCL_144375_1 | Procurement of R-5 Scalloped edged rivet hinged type belt, fasteners for jointing of 1000 mm belt conveyor. | 899423.00 |
| 3 | 2019_MCL_142979_1 | Comprehensive Consultancy Services ie Architectural and structural design drawings with complete tender document and all aspects of specialised hospital consultancy for MCL VIMSAR Burla, Sambalpur with concept to commissioning stage authors etc. | 21300933.00 |
| 4 | 2019_MCL_144309_1 | PROCUREMENT OF TONER CARTRIDGE FOR EPSON AND HP LASERJET PRINTER. | 79100.00 |
| 5 | 2019_MCL_144451_1 | PROCUREMENT OF DIFFERENT TYPE OF ELECTRODES. | 703720.00 |
| 6 | 2019_MCL_144373_1 | Making of self aligning troughing roller brackets for the use in CHP of Jagannath OCP of Jagannath. | 609975.00 |
| 7 | 2019_MCL_144374_1 | AMC for the work of electrical repair and maintenance of residential quarters, non residential buildings/ Area complexes including street lights. HT and LT overhead lines under GM unit, Jagannath Area for a period of one year. | 3994140.00 |
| 8 | 2019_MCL_144376_1 | Supplying and fixing of Single phase and Three phase Energy meters at Balanda and Jagannath Colony executive individual quarters of Jagannath OCP of Jagannath Area. | 316962.00 |
| 9 | 2019_MCL_144380_1 | AMC for overhead line erection and maintenance work of 11kV, 3.3kV, 440V and maintenance of street light at Surface Area of Ananta OCP, Jagannath Area for a period of one year. | 987033.00 |
| 10 | 2019_MCL_144408_1 | AMC for day to day internal electrical Repairing/ Maintenance work of Project Office, Workshop, 33 kV substation, weigh bridges, site Office, Time Office, Canteen, Unit Store, all Official buildings etc of Ananta OCP for a period of one year. | 653660.00 |
| 11 | 2019_MCL_144379_1 | SUPPLY OF DRILL BITS AND TURNING TOOLS. | 88048.00 |
| 12 | 2019_MCL_143899_1 | Repairing reconditioning and straightening of 08 nos of UJ assembly of 50 or 60T Dumpers of Samaleswari OCP IB Valley Area. | 254942.00 |
| 13 | 2019_MCL_144490_1 | Retreading of 20.5 R 25 size OTR Tubeless tyres of CAT 14M Motor Grader of Samaleswari OCP, IB Valley Area. | 165200.00 |
| 14 | 2019_MCL_144533_1 | Hiring of 02 nos. Air Conditioned 7 seater (6 plus 1) Hard Top diesel jeep or equivalent Covered Vehicle, max 2500 Km run per month, 12 hrs duty for a period of two years (341 days per year) for GM Office, IB Valley Area. | 1887912.00 |
| 15 | 2019_MCL_144473_1 | Hiring of one no. Mini Truck having carrying capacity 3 Ton to 4 Ton on 12 hrs duty basis with deployment of 01 no. driver (including staggered rest) max run 3000 km/month for 02 years (682 working days) for Belpahar OCM, Lakhanpur Area, MCL. | 1141668.00 |
| 16 | 2019_MCL_144492_1 | Hiring of one no. AC running covered jeep (Bolero or equivalent) having seating capacity 6 plus 1 on 16 hours duty basis with deployment of two nos. of drivers, max run 3500 km/month, for 02 years (682 days) for Lakhanpur OCP, Lakhanpur Area, MCL. | 1353770.00 |
| 17 | 2019_MCL_144499_1 | Hiring of one no. AC running covered jeep (Bolero or equivalent) having seating capacity 6 plus 1 on 12 hours duty basis with deployment of one no. driver having staggered rest, max run 2500 km/month for 02 years (682 days) for LKPOCP, Lakhanpur Area. | 921382.00 |
| 18 | 2019_MCL_144541_1 | Hiring of one no. AC running covered jeep (Bolero or equivalent) seating capacity 6 plus 1 on 12 hrs duty with deployment of one driver having staggered rest max run 2500 km/ month for 02 yrs (682days) for PnP department/GM secretariat Lakhanpur Area. | 921382.00 |
| 19 | 2019_MCL_144551_1 | Hiring of one no. AC running covered jeep (Bolero or equivalent) seating capacity 6 plus 1 on 12 hrs duty with deployment of one no. of driver having staggered rest max run 2500 km/month for 02 yrs (682days) for Environment deptt, Lakhanpur Area. | 921382.00 |
| 20 | 2019_MCL_144565_1 | Fire fighting by Contractual agency at Basundhara (W) OCP of Basundhara Area for two years. | 1492772.00 |
| 21 | 2019_MCL_144564_1 | Extension of administrative building in HEMM workshop of Balram OCP. (Re-Tender). | 298113.00 |
| 22 | 2019_MCL_144557_1 | Annual cleaning of 6th pit, 8th pit and Officer Colony at Rampur Sub-Area, Orient Area. | 1329119.00 |
| 23 | 2019_MCL_144571_1 | Development of open area to lawn and garden at OASIS at Lingaraj OCP, Lingaraj Area. | 1389312.00 |
| 24 | 2019_MCL_144574_1 | Cleaning of Intake wells, its opening and feeding gullies at IWSS, Lingaraj Area (For a period of two years). | 2542647.00 |
| 25 | 2019_MCL_144405_1 | Annual Maintenance Contract of Electrical work of Residential quarters, Sub-station, Pump House, Regional Hospital, Nursing Hostel, Transit camp, 11kV overhead lines and Street lighting etc of CH Area, Talcher. | 1400722.00 |
| 26 | 2019_MCL_144505_1 | IME FOR CONTRACTUAL WORKERS. | 945000.00 |
| 27 | 2019_MCL_144463_1 | Hiring of One (01) No. Diesel Covered jeep Bolero / Sumo or equivalent, minimum 7 seater with AC fitted, Daily 16 hours operation for a period of 02 years for GM Office Pool, Lingaraj Area with monthly limit within 3,410 km. | 1428790.00 |
| 28 | 2019_MCL_144603_1 | PROCUREMENT OF NETWORK CONSUMABLES FOR SYSTEM DEPARTMENT. | 136000.00 |
| 29 | 2019_MCL_144658_1 | SUPPLY AND INSTALLATION OF INFORMATORY SAFETY BOARDS. | 500000.00 |
| 30 | 2019_MCL_144659_1 | Supply of PTO Chain and Brake lining for PnH 1900 AL SHOVEL. | 411040.00 |
| 31 | 2019_MCL_144607_1 | Fire fighting in coal faces, stocks, other places in the mine along with day to day miscellaneous safety works for a period of 365 days at Samaleswari OCP. | 1256732.00 |
| 32 | 2019_MCL_144618_1 | Annual Maintenance Contract of Day to Day cleaning of HEMM at Lajkura Open Cast Project for a period of 2 years(610 days) excluding Sundays and PHDs. (Providing 9 unskilled Labour). | 2706333.00 |
| 33 | 2019_MCL_144241_1 | Supply of Aluminum Alloy Standard Conductors of sizes 125 sq.mm, 55 sq.mm and 22 sq.mm. | 12306750.00 |
| 34 | 2019_MCL_144626_1 | Thorough repair and maintenance of TH type and DLB A type quarters under Talcher Area (Re-tender-II). | 9300828.00 |
| 35 | 2019_MCL_144669_1 | Procurement of Uniform for MCL Talcher Area. | 347073.00 |
| 36 | 2019_MCL_144686_1 | Hiring of one no. AC running covered jeep (Scorpio or equivalent) having seating capacity 6 plus 1 on 24 hours duty basis with deployment of three nos. drivers, max run 3500 km/month, for 02 years (682 days) for Lakhanpur OCP, Lakhanpur Area, MCL. | 1760924.00 |
| 37 | 2019_MCL_144691_1 | Hiring of one no. Pick-up Van having seating capacity 4 plus 1 on 24 hrs duty basis with deployment of three nos. of drivers, max run 3500 km/month for 02 years (682 working days) for Lakhanpur OCP, Lakhanpur Area, MCL. | 1750694.00 |
| 38 | 2019_MCL_144642_1 | Maintenance of external water supply pipe line at Jagriti vihar and Anand Vihar, MCL HQ.(2nd Call). | 474183.00 |
| 39 | 2019_MCL_144611_1 | PROCUREMENT OF BEARING. | 1564066.00 |
| 40 | 2019_MCL_144797_1 | PROCUREMENT OF FURNITURE AND FIXTURES. | 637568.00 |
| 41 | 2019_MCL_144808_1 | Hiring of 01 no. Air Conditioned 7 seater (6 plus 1) Hard Top diesel jeep or equivalent Covered Vehicle, max 2500 Km run per month, 12 hrs duty for a period of two years (341 days per year) for GM Office, IB Valley Area. | 943956.00 |
| 42 | 2019_MCL_144500_1 | Construction of Coal Transportation Road (Concrete surfacing) at Lajkura OCP under IB Valley Area of IB Coalfields, MCL (Re-tender). | 882222790.00 |
| 43 | 2019_MCL_144814_1 | Procurement of End fittings for top and bottom conveyor rollers. (As per enclosed TPS and drawings). | 2106300.00 |
| 44 | 2019_MCL_144418_1 | Hiring of One (1) Jeep(6 plus 1 seater or more) (Bolero/ Sumo or its equivalent) fitted with AC for 12 hrs per day for two years for claim commission at Basundhara Area (682 days). (2800km run per month). | 920700.00 |
| 45 | 2019_MCL_144873_1 | Fabrication of two nos. of 60 drum float for mine pumps at Kulda OCP, Basundhara Area. | 534349.00 |
| 46 | 2019_MCL_144894_1 | AMC of Cleaning of electronic and electrical equipment exist in Road Weigh bridges control room and day to day maintenance of structural platform of weighbridges for one year (365 days) at Kulda OCP, Basundhara area. | 452709.00 |
| 47 | 2019_MCL_144872_1 | Hiring of one number Scorpio/Xylo or equivalent Covered jeep vehicle with A/c fitted (Diesel) with 12 hrs duty, per day basis for 682 days in 02 years for CWS(X) Talcher MCL. | 1101150.00 |
| 48 | 2019_MCL_144922_1 | Operation and Electrical maintenance of installation and infrastructure in Kulda including PO office, excavation workshop, distribution substation, water supply system, all road weigh bridges and 2X63 KVA DG sets for 1 year (365 days) at KOCP Basundhara Area. | 1604292.00 |
| 49 | 2019_MCL_144340_1 | Making 02 nos rest shed and Drinking water arrangement in coal corridor of Bharatpur Project under Bharatpur Area (Re Tender). | 266899.00 |
| 50 | 2019_MCL_144819_1 | Replacement of damaged and Old pipe Line and Concrete Tank of A type quarters (59 Block) of N.S. Nagar Bharatpur under Bharatpur Area. | 9505192.00 |
| 51 | 2019_MCL_144935_1 | Providing Toilet and Maintenance of Pump House at Main Quarry at Bharatpur Project. | 274014.00 |
| 52 | 2019_MCL_144730_1 | Transportation of crushed coal by Tippers from CHPs of Lingaraj OCP to Deulbera Siding at Lingaraj OC Project, Lingaraj Area for a total quantity of 3,00,000 Te.( Re-tender). | 8191560.00 |
| 53 | 2019_MCL_144803_1 | PROCUREMENT OTR TYRE. | 436531.00 |
| 54 | 2019_MCL_144812_1 | PROCUREMENT OF MAIN PUMPS FOR BE-1600 HYD EXCAVATOR. | 3956573.00 |
| 55 | 2019_MCL_144868_1 | Revival of golf course near Magazine building of Lakhanpur Area. | 1156180.00 |
| 56 | 2019_MCL_144899_1 | Hiring of one no. AC running covered jeep (Bolero or equivalent) seating capacity 8 plus 1 on 16 hrs duty with deployment of 02 drivers max run 3500 km/month for 02 years (682 days) for BOCM, Lakhanpur Area, MCL (Diverted from Lilari OCP). | 1426062.00 |
| 57 | 2019_MCL_144920_1 | Hiring of one no. AC running covered jeep (Bolero or equivalent) seating capacity 6 plus 1 on 12 hrs duty with deployment of 01 driver having staggered rest max run 2500 km/month for 02 yrs (682 days) for Regional Store/Central store LKPA, MCL. | 921382.00 |
| 58 | 2019_MCL_144969_1 | Hiring of one no. AC running covered jeep (Bolero or equivalent) seating capacity 6 plus 1 on 12 hrs duty with deployment of one no. of driver having staggered rest max run 2500 km/month for 02 yrs (682 days) for Safety department, Lakhanpur Area. | 921382.00 |
| 59 | 2019_MCL_144973_1 | Hiring of one no. AC running covered jeep (Bolero or equivalent) seating capacity 6 plus 1 on 12 hrs duty basis with deployment of one no. of driver having staggered rest max run 2500 km/month, for 02 yrs (682 days) for GM Secretariat, Lakhanpur Area. | 921382.00 |
| 60 | 2019_MCL_144978_1 | Hiring of one no. AC running covered jeep (Bolero or equivalent) seating capacity 6 plus 1 on 12 hrs duty with deployment of one no. of driver having staggered rest max run 2500 km/month for 02 years (682 days) for Personnel deptt Lakhanpur Area. | 921382.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍ ନଂ - 0663-2542695/2542264), ଇ-ମେଲ : hlp-eproc.mcl@coalindia.in R-4925

ଆମର ଆୟ ପ୍ରାପ୍ତ କରିବା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ଏକ ମିସ୍‌ଡ କଲ୍ କରନ୍ତୁ ।

■ ଜିଲା ପ୍ରଶାସନର ଦ୍ୱାରସ୍ଥ ପଦ୍ମଶ୍ରୀ ଦୈତାରୀ ନାଏକ

# ୧୦ ଗାଁର ବିକାଶ ଲାଗି ଦାବିପତ୍ର

କେନ୍ଦୁଝର, ୨୩ା୭(ଡି.ଏନ.ଏ./ସ୍ୱ.ପ୍ର.)

ବିଭିନ୍ନ ସମସ୍ୟା ନେଇ ପଦ୍ମଶ୍ରୀ ଦୈତାରୀ ନାଏକ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପଦ୍ମଶ୍ରୀ ନାଏକଙ୍କୁ ଗେଟ୍ ପାସ ମିଳିନଥିବାରୁ କଟକ ଓ ଭୁବନେଶ୍ୱରକୁ ଯାତ୍ରା କରୁଥିବା ସମୟରେ ବିଭିନ୍ନ ଟୋଲଗେଟରେ ଅଯଥା ହଇରାଣ ହେଉଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହାବ୍ୟତୀତ ତାଙ୍କର ପରିଚୟ ପତ୍ର ନଥିବାରୁ ସେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଦର୍ଶାଇଛନ୍ତି। ଅପରପକ୍ଷେ ସେ ୧୦ଟି ଗାଁର କେତେକ ଦାବି ମଧ୍ୟ ଉପସ୍ଥାପନ କରିଛନ୍ତି। ବାଂଶପାଳ ବ୍ଲକର ବାରାଗଡ ଓ ଗୋନାସିକା ପଞ୍ଚାୟତକୁ ଆମ୍ବୁଲାନ୍ସ ସେବା ଯୋଗାଇବା ସହ ତଳବୈତରଣୀ ଗ୍ରାମର ସୀତାରାମ ଛକ ନିକଟରେ ଏକ ଯାତ୍ରୀନିବାସ ନିର୍ମାଣ କରିବା, ତଳବୈତରଣୀ ଗ୍ରାମର ନୂତନ ପିଚୁ ରାସ୍ତା ଓ ପୋଲ ନିର୍ମାଣ ସହିତ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା କରିବା। ଏତଦ୍‌ବ୍ୟତୀତ ଗୋନାସିକା ପଞ୍ଚାୟତ, ବାରାଗଡ ପଞ୍ଚାୟତ, ଜୁଙ୍ଗା ପଞ୍ଚାୟତ ଓ ବକ୍ସିବାରିଗାଁ ପଞ୍ଚାୟତ ଅଞ୍ଚଳକୁ ନେଇ ତଳବୈତରଣୀଠାରେ ଏକ ବିଜ୍ଞାନ କଲେଜ ଖୋଲିବାକୁ ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। କେଉଁଠି ପାନୀୟଜଳ ନାହିଁ ଆଉ କେଉଁଠି ମୋବାଇଲ ଟାୱାର ନାହିଁ। ଅପରପକ୍ଷେ ତଳବୈତରଣୀ ଗ୍ରାମରେ ଏକ ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ସହ ପଶୁଡାକ୍ତରଖାନା ସ୍ଥାପନ ନିମନ୍ତେ ସେ ଲିଖିତ ଭାବେ ଜିଲା ପ୍ରଶାସନକୁ ଜଣାଇଛନ୍ତି। କେନ୍ଦୁଝରଠାରୁ ବାରାଗଡ ପର୍ଯ୍ୟନ୍ତ ଯାତ୍ରୀବାହୀ ବସ ଚଳାଚଳ ପାଇଁ ଅନୁରୋଧ କରିଛନ୍ତି। ତଳବୈତରଣୀ ସୀତାରାମ ଛକଠାରୁ ଖୁଣ୍ଟବନ୍ଧ ଗ୍ରାମ ପର୍ଯ୍ୟନ୍ତ ଏକ ନୂତନ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ କରିବାକୁ ଦାବିପତ୍ରରେ ଦର୍ଶାଇଛନ୍ତି।

## ୭୩ ତମ ସ୍ୱାଧୀନତା ଦିବସ ଲାଗି ପ୍ରସ୍ତୁତି

ଚମ୍ପୁଆ, ୨୩ା୭(ଡି.ଏନ.ଏ.)

ଚମ୍ପୁଆ ନଗର ଭବନଠାରେ ଉପଜିଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ୭୩ ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଜୟନ୍ତ ନାଏକଙ୍କ ଦ୍ୱାରା ପରିଚାଳିତ ଏହି ବୈଠକରେ ଚମ୍ପୁଆ ଉପକାରାଗାର ମୁଖ୍ୟ ଜୀବନ ସିଂ କୁଦାଦା, ବିଡିଓ ନୂପୁର ଚାନ୍ଦଗୋଟିଆ, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ବିଜୟ କୁମାର ଗିରି, ସହକାରୀ ଜିଲାପାଳ ଚାରୁଲତା ସିଂ, ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବଜାର କମିଟି ମୁଖ୍ୟ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି କିପରି ସୁଚାରୁ ରୂପେ ଏହା ପାଳନ କରାଯାଇପାରିବ ସେନେଇ ମତ ପ୍ରଦାନ କରିଥିଲେ। ଉପରୋକ୍ତ ଦିନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଉପଜିଲାପାଳ ଦାୟିତ୍ୱ ପ୍ରଦାନ କରିବା ସହ ପ୍ଲାଷ୍ଟିକ ପତାକା ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବବର୍ଷ ଭଳି ଚଳିତ ବର୍ଷ ସ୍ୱାଧୀନତା ଦିବସକୁ ସହଯୋଗ ଭିତ୍ତିରେ ସଫଳକରିବାକୁ ନିବେଦନ କରିଥିଲେ।

# ବଢ଼ି ଚାଲିଛି ଚୋରି, ରାସ୍ତା ଲୁଟ୍

**ପ୍ରତିବାଦରେ ଥାନା ଘେରାଉ**


ଝୁମ୍ପୁରା ଥାନା ଅଧିକାରୀଙ୍କୁ ବଣିକ ସଂଘର ଲୋକେ ଘେରିଛନ୍ତି।

ଝୁମ୍ପୁରା, ୨୩ା୭ (ଡି.ଏନ.ଏ.)

ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ ଝୁମ୍ପୁରା ବଜାର ଅଞ୍ଚଳ ସହିତ ଗ୍ରାମାଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ରାସ୍ତାଲୁଟ, ଦୋକାନ ଓ ଘରୁ ଚୋରି, ପାର୍କିଂ ହୋଇଥିବା ଗାଡିରୁ ଡିଜେଲ ଓ ଟାୟାର ଚୋରି ମଧ୍ୟ ବଢି ଚାଲିଛି। ଚଳିତ ଜୁଲାଇ ମାସରେ ହିଁ ୧୦ଟିରୁ ଅଧିକ ଚୋରି ହେବା ଘଟଣା ନଜରକୁ ଆସିଛି। କିନ୍ତୁ ବର୍ତ୍ତମାନ ଚୋର ଧରା ପଡୁ ନ ଥିବାରୁ ଝୁମ୍ପୁରା ବଜାର ଅଞ୍ଚଳରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଥାନାରୁ ମାତ୍ର ୩୦୦ମିଟର ଦୂରରେ ଥିବା ତାରିଣୀ ଷ୍ଟୋରର ଗୋଦାମରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରୀ, ସୁନିଲ ସାହୁଙ୍କ ସ୍କର୍ପିଓ ଚୋରି ଘଟଣାରେ ଚୋର ଧରା ନ ପଡ଼ିବାରୁ ଝୁମ୍ପୁରାବାସୀ ରାଜ ରାସ୍ତାକୁ ଓହ୍ଲାଇ ଆସିଛନ୍ତି। ଏହାର ପ୍ରତିବାଦରେ ଝୁମ୍ପୁରା ବଣିକ ସଂଘ ଓ ଗ୍ରାମବାସୀଙ୍କ ପକ୍ଷରୁ ମଙ୍ଗଳବାର ଝୁମ୍ପୁରା ଥାନା ଘେରାଉ କରାଯାଇଛି। ଝୁମ୍ପୁରା ଥାନାରେ ଦୀର୍ଘଦିନ ହେବ ଥାନା ଅଧିକାରୀ ନ ଥିବାବେଳେ, ଦାୟିତ୍ୱରେ ଥିବା ସବଇନ୍ସପେକ୍ଟର ଏଫ ଟିଗାଙ୍କୁ ଅସନ୍ତୁଷ୍ଟ ବଣିକ ସଂଘ ଜବାବ ମାଗିଛନ୍ତି। ଥାନା ଘେରାଉ ନେଇ ପରିସ୍ଥିତି ଜଟିଳତା ଆଡକୁ ଗତି କରୁଥିବା ଦେଖି, ସୂଚନା ପାଇ ସଦର ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନ ଝୁମ୍ପୁରା ଥାନାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଚୋରଙ୍କୁ ଧରାଯିବ ବୋଲି ସଦର ଥାନା ଅଧିକାରୀ ନିର୍ଭର ପ୍ରତିଶ୍ରୁତି ଦେବାପରେ ଥାନା ଘେରାଉ ହଟିଥିଲା।

## ଚାଇଲ୍ଡଲାଇନର ସଚେତନତା କାର୍ଯ୍ୟକ୍ରମ

ଆନନ୍ଦପୁର, ୨୩ା୭(ସ୍ୱ.ପ୍ର.)

ଘସିପୁରା ବ୍ଲକ ଦେଓଗାଁ ଠାରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆନନ୍ଦପୁର ଚାଇଲ୍ଡଲାଇନ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମ୍ପ୍ରତି ସମୟରେ ବାଲ୍ୟବିବାହ ଏକ ମୁଖ୍ୟ ସମସ୍ୟା ଭାବେ ମୁଣ୍ଡ ଟେକିଥିବାବେଳେ ଏହାକୁ କିପରି ନିରାକରଣ କରାଯାଇପାରିବ ସେନେଇ ଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ଚାଇଲ୍ଡଲାଇନ୍ ସଦସ୍ୟ ଆଇନଜୀବୀ ଭାଗିରଥୀ ଦାଶ, ଆନନ୍ଦ ଚନ୍ଦ୍ର ସାହୁ, ହିମାଂଶୁ କୁମାର ରାମ, ସସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବାଲ୍ୟ ବିବାହର କାରଣ ଓ ଏହାର ନିରାକରଣ ଦିଗରେ ଗୁରୁତ୍ୱାରୋପ କରିଥିଲେ। ବାଲ୍ୟ ବିବାହ ନିରାକରଣ ଦିଗରେ ଅଭିଯୁକ୍ତ ପରିବାରବର୍ଗଙ୍କୁ ୬ ମାସରୁ ୨ବର୍ଷ କାରାଦଣ୍ଡ ଓ ଏକ ଲକ୍ଷ ଟଙ୍କା ଜରିମାନା ଆଇନଗତ ବ୍ୟବସ୍ଥା ବୋଲି ଚାଇଲ୍ଡଲାଇନ୍ ପକ୍ଷରୁ ସୂଚନା ଦିଆଯାଇଥିଲା।

## ସମାଜସେବୀଙ୍କ ପରଲୋକ

ଆନନ୍ଦପୁର,୨୩ା୭(ସ୍ୱ.ପ୍ର.)

ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଜରଦା ଗ୍ରାମର ସମାଜସେବୀ କାହ୍ନୁ ଚରଣ ଭୂୟାଁ(୭୫)ଙ୍କର ବିୟୋଗ ଘଟିଛି। ସେ ତିନି ଦିନ ଧରି ଛାତିରେ ଯନ୍ତ୍ରଣା ଅନୁଭବ କରି ଚିକିତ୍ସିତ ହେଉଥିଲେ। ସୋମବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ଗ୍ରାମ ଶ୍ମଶାନରେ ଏକ ଶୋଭାଯାତ୍ରାରେ ନିଆଯାଇ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ସୁଧାଂଶୁ ଶେଖର ଓ ସାନପୁଅ ହିମାଂଶୁଙ୍କ ସମେତ ବହୁ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ଖବରପାଇ ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଚତୁର୍ଭୁଜ ନାୟକ, ସମାଜସେବୀ ପ୍ରଭାତ ବରାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଉପସ୍ଥିତ ରହି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ।

# ଅବ୍ୟବସ୍ଥାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ଢେଙ୍କିକୋଟ, ୨୩ା୭(ଡି.ଏନ୍.ଏ.)



ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

■ ୭ମାସ ହେଲା ନାହାନ୍ତି ଡାକ୍ତର
■ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
■ ମିଳୁନି ସାଧାରଣ ରୋଗର ଔଷଧ

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଆଦିବାସୀ ଅଧ୍ୟୁଷିତ ଢେଙ୍କିକୋଟ ପଞ୍ଚାୟତ ହେଡକ୍ୱାର୍ଟରରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୭ମାସ ହେଲା ଅବ୍ୟବସ୍ଥା ଘେରରେ ଚାଲିଛି। ଏଥିଲାଗି ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗତ ଜାନୁୟାରୀ ୩୦ ତାରିଖରୁ ଏଠାରେ ଥିବା ଡାକ୍ତର ଉଚ୍ଚଶିକ୍ଷା ନିମନ୍ତେ ଚାଲିଗଲା ପରଠାରୁ ଡାକ୍ତରଙ୍କ ପଦବୀ ଖାଲି ପଡ଼ିଛି। ଏବେ ଡାକ୍ତରଖାନାକୁ ଘଟଗାଁରୁ ଜଣେ ଫାର୍ମାସିଷ୍ଟଙ୍କୁ ଡେପୁଟେସନରେ ପଠାଯାଉଛି। ତାହା ପୁଣି ଓଳିଏ ପାଇଁ। ଡାକ୍ତର ନ ଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ସାଧାରଣ ଔଷଧ, ଗ୍ୟାସ୍ଟ୍ରିକ୍, ଆସିଡିଟି ହେଲେ ମଧ୍ୟ ତାର ଔଷଧ ମିଳୁନାହିଁ।

ଏହି ପ୍ରାଥମିକ ସ୍ୱାସ୍ଥକେନ୍ଦ୍ର ଉପରେ ଆଖପାଖ ୧୫ ଖଣ୍ଡ ପଞ୍ଚାୟତର ହଜାର ହଜାର ଆଦିବାସୀ ଗରିବ, ଶିଶୁ ମହିଳା ଏବଂ କୁଲାଢେର ଗହଳମୁଣ୍ଡ ଗ୍ରାମରେ ବସବାସ କରୁଥିବା ଜୁଆଙ୍ଗ ଜନଜାତି ଲୋକମାନେ ମଧ୍ୟ ନିର୍ଭର କରି ଚଳିଥନ୍ତି। ଡାକ୍ତର କିମ୍ବା ଔଷଧ ନ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏହି ଗରିବ ଲୋକମାନେ ରାଜ୍ୟ ସରକାର ଗ୍ରାମାଞ୍ଚଳ ଗରିବ ଆଦିବାସୀ, ଚାଷୀ, ମୂଲିଆଙ୍କ ସ୍ୱାସ୍ଥ୍ୟ ନିମନ୍ତେ ଯୋଜନା ପରେ ଯୋଜନା ଖୋଲି ଚାଲିଥିବାବେଳେ ଏଠାରେ ସାଧାରଣ ବଟିକାଟିଏ ମଧ୍ୟ ମିଳୁ ନ ଥିବା କିମ୍ବା ଗରିବ ଲୋକଙ୍କୁ ସେବା ଯୋଗାଇ ଦେବା ପାଇଁ ଡାକ୍ତରଟିଏ ମଧ୍ୟ ଯୋଗାଇ ଦିଆଯାଉ ନଥିବା ପରିତାପର ବିଷୟ। ଏଥିପ୍ରତି ସ୍ୱାସ୍ଥ୍ୟବିଭାଗ ଦୃଷ୍ଟିଦେବା ପାଇଁ ଢେଙ୍କିକୋଟ ବିକାଶ ମଞ୍ଚ ଦାବି କରିଛି।

## ସଂକ୍ଷେପରେ

### ବିଷ ପିଇ ସ୍କୁଲ ଛାତ୍ରଙ୍କ ଆତ୍ମହତ୍ୟା

**ଭଦ୍ରକ ଅଫିସ, ୨୩।୭:** ବାଲେଶ୍ୱର ଜିଲା ବାଲିଖଣ୍ଡ ଗ୍ରାମର ଜଣେ ୧୧ ବର୍ଷର ଛାତ୍ର ବିଷ ପିଇ ଦେବା ପରେ ତାଙ୍କୁ ପ୍ରଥମେ ମାର୍କୋଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ପରେ ଭଦ୍ରକ ଚିକିତ୍ସାଳୟକୁ ଅଣାଯାଇଥିଲା। ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସିମୁଳିଆ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ ଏହି ଛାତ୍ର ସ୍କୁଲ ନ ଯିବା ଘଟଣାକୁ ନେଇ ପରିବାର ଲୋକେ ବିରକ୍ତି ପ୍ରକାଶ କରିବାରୁ ଛାତ୍ରଜଣଙ୍କ ଘରେ ଥିବା ବିଷ ପିଇଦେଇଥିଲେ।

### ଏନ୍‌ସିସି କ୍ୟାଡେଟ୍‌ଙ୍କ ଦ୍ୱାରା ବୃକ୍ଷରୋପଣ

**ଭଦ୍ରକ ଅଫିସ,୨୩।୭:** ଭଦ୍ରକ ଗାନ୍ଧୀପଡିଆସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏନ୍‌ସିସି କ୍ୟାଡେଟ୍‌ଙ୍କ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲା ଦୌରାଜଜ୍ ଶୋଭନ କୁମାର ଦାଶ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟର ବୃକ୍ଷରୋପଣ କାର୍ଯ୍ୟକୁ ଉତ୍ସାହିତ କରିବା ଲାଗି ନିଜେ ମଧ ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ପ୍ରତାପ ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗବସାହି ଅଞ୍ଚଳର ବୁଦ୍ଧିଜୀବୀ ତଥା ପୂର୍ବତନ କାଉନ୍‌ସିଲର ସ୍ୱର୍ଣ୍ଣଲତା ସାହୁ, ସମାଜସେବୀ ଗୋପାଳ କୃଷ୍ଣ ଦାସ, ସୁରେନ୍ଦ୍ର ପଣ୍ଡା, ଇଂ. ମଧୁସୂଦନ ହୁଇ, ଆଇନଜୀବୀ ଦୀପକ ସାହୁ, ଜଗବନ୍ଧୁ ଜେନା, କୌଶିକ ଦାସ ପ୍ରମୁଖ ଯୋଗ ଦେଇଥିଲେ।

### ଧୂଷୁରୀ ଏରିଆ ହସ୍‌ପିଟାଲରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଧାମନଗର, ୨୩।୭(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଭଦ୍ରକ ଆଖଣ୍ଡଳମଣି ରାଜ୍ୟ ରାଜପଥ କଡ ଧୂଷୁରୀଠାରେ ଥିବା ଏରିଆ ହସପିଟାଲରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି । ରାଜପଥରେ ଦୁର୍ଘଟଣା ଘଟିଲେ, ଆହତଙ୍କୁ ଏହି ଚିକିତ୍ସାଳୟ ଅଣାଯାଇଥାଏ। ସେହିପରି ଧାମନଗର ବ୍ଲକରେ ୧୮ ପଞ୍ଚାୟତ ସମେତ ନିକଟସ୍ଥ ତିହିଡି ଓ ଚାନ୍ଦବାଲି ବ୍ଲକ ଏବଂ ବୈତରଣୀ ଆରପଟ ଥିବା ଯାଜପୁର ଜିଲାର କେତେକ ପଞ୍ଚାୟତବାସୀ ଏହି ହସପିଟାଲ ଉପରେ ନିର୍ଭର କରିଥାନ୍ତି। ଏଠାରେ ଭିତ୍ତିଭୂମିର ବିକାଶ ନ ହେବା ଏବଂ ସ୍ଥାୟୀ ଡାକ୍ତର ନିଯୁକ୍ତି ଦିଆଯାଉ ନ ଥିବାରୁ ରୋଗୀଙ୍କୁ ଜରୁରିକାଳୀନ ଚିକିତ୍ସାସେବା ମିଳି ପାରୁ ନାହିଁ। ଏଠାରେ ୨ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ୯ ମାସ ଧରି ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କୁ ଚୁକ୍ତିଭିତ୍ତିରେ ଅବସ୍ଥାପିତ କରାଯାଇଛି। ସେ ପୂର୍ବାହ୍ନରେ ଆସି ରୋଗୀ ଦେଖି ଫେରି ଯାଉଛନ୍ତି। ଏହାବାଦ୍ ୨ ଜଣ ଫାର୍ମାସିଷ୍ଟ ଓ ନିରାମୟ ଯୋଜନାରେ ଜଣେ ଫାର୍ମାସିଷ୍ଟ ଆବଶ୍ୟକ ଥିବା ବେଳେ ଏବେ ଜଣେ ମାତ୍ର କାମ ଚଳାଇଛନ୍ତି। ୪ ଜଣ ଷ୍ଟାଫ ନର୍ସଙ୍କ ସ୍ଥାନରେ ୩ଜଣ ଏବଂ ୪ ଜଣ ୪ର୍ଥଶ୍ରେଣୀ କର୍ମଚାରୀଙ୍କ ଜାଗାରେ ୨ ଜଣ ଡାକ୍ତରଖାନାକୁ ଜଗୁଛନ୍ତି। ଆକାଉଣ୍ଟାଣ୍ଟ ପଦବୀଟି ଖାଲି ପଡିଛି । ସ୍ଥାୟୀ ଏମ୍‌ବିବିଏସ ଡାକ୍ତର ନ ଥିବାରୁ ମେଡିକାଲ ଲିଗାଲ ମାମଲାରେ ରିପୋର୍ଟ ଦିଆଯାଇ ପାରେ ନାହିଁ। ଏଥିସକାଶେ ଭଦ୍ରକ କିମ୍ବା ଧାମନଗର ମେଡିକାଲ ଉପରେ ନିର୍ଭର କରିବାକୁ ପଡୁଛି । ଏଭଳି ସ୍ଥିତିରେ ଲୋକେ ମେଡିକାଲ ସାର୍ଟିଫିକେଟ ପାଇ ନ ପାରି ହଇରାଣ ହେଉଛନ୍ତି । ଅଞ୍ଚଳବାସୀଙ୍କୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ବାଧାପ୍ରାପ୍ତ ହୋଇଥିବାରୁ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବା ଲାଗି ଚେତାବନୀ ଦେଇଛନ୍ତି। ଏଠାରେ ମାତ୍ର ୬ଟି ଶଯ୍ୟା ଥିବାବେଳେ ଷ୍ଟୋର ରୁମ୍ ଭଳି ସୁଧା ନ ଥିବାରୁ ଗଚ୍ଛିତ ଔଷଧ ଏଣେତେଣେ ରଖାଯାଉଛି । ଡାକ୍ତର ଏବଂ କର୍ମଚାରୀଙ୍କ ରହଣି ପାଇଁ କ୍ୱାର୍ଟର୍ସ ହୋଇ ନ ଥିବାରୁ ସେମାନେ ଓଟି ଏବଂ ରୋଗୀଦେଖା ରୁମ୍‌ରେ ରାତ୍ରିଯାପନ କରୁଛନ୍ତି। ପାଚେରି ନ ଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଅବାଧ ପ୍ରବେଶ ଲାଗି ରହିଥିବାରୁ ମହିଳା କର୍ମଚାରୀ ରାତିରେ ପଦାକୁ ବାହାରିବାକୁ ଅସୁରକ୍ଷିତ ମଣୁଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପରିସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# 'ପ୍ରତିଭା କେବେ ଲୁଚି ରହେନି'

**ଭଦ୍ରକ ଅଫିସ, ୨୩।୭**

> ସୁବିଧା ସୁଯୋଗ ଓ ପ୍ରେରଣା ମିଳିଲେ ବର୍ତ୍ତମାନର ଯୁବପିଢି ଲୁକ୍କାୟିତ ପ୍ରତିଭାର ବିକାଶ ଘଟାଇ ପାରିବେ।

ଓଡ଼ିଶାରେ ଯୁବ ପ୍ରତିଭାଙ୍କ ଅଭାବ ନାହିଁ। ପରିବାରରେ ମା' ବାପାଙ୍କ ପ୍ରେରଣା, ଆଶୀର୍ବାଦ ଓ ପ୍ରଶାସନିକ ସ୍ତରରେ ପ୍ରୋତ୍ସାହନ ମିଳିଲେ ଛାତ୍ରୀଛାତ୍ର ତଥା ଯୁବପିଢି ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରାଇ ପାରିବେ। ନିୟମିତ ସାଧନା ଏ କ୍ଷେତ୍ରରେ ସଫଳତା ଆଣି ଦେଇଥାଏ ବୋଲି କହିଛନ୍ତି ନୃତ୍ୟଶିଳ୍ପୀ ମୋନାଲିସା ମହାପାତ୍ର ।

ସ୍ଥାନୀୟ କେକେଆର୍ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୨ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିବା ମୋନାଲିସା ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲାର ଶହେରୁ ଊର୍ଦ୍ଧ୍ୱ ମଞ୍ଚ, ଅଡିଶନ୍ ଓ ପ୍ରତିଯୋଗିତାରେ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରି ଅନେକ ପ୍ରଶଂସା ଓ ପୁରସ୍କାର ସାଉଣ୍ଟିଛନ୍ତି। ୫୦ ରୁ ଊର୍ଦ୍ଧ୍ୱ ମାନପତ୍ର ଓ ଶିଲ୍ଡ ହାସଲ କରିଛନ୍ତି। ଆଗକୁ ଜଣେ ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ହେବାକୁ ଲକ୍ଷ୍ୟ ରଖି ସେ ପାଠ ପଢା ସାଙ୍ଗକୁ ନିୟମିତ ନୃତ୍ୟାଭ୍ୟାସ ଜାରି ରଖିଥିବା କହିଛନ୍ତି।

ମୋନାଲିସାଙ୍କ ଘର ଭଦ୍ରକ ସହର ଉପକଣ୍ଠ ଅରଞ୍ଜି ଗ୍ରାମରେ । ମାତା ପିତା ହେଲେ ରୀନାରାଣୀ ଓ ମୁକ୍ତିକାନ୍ତ ମହାପାତ୍ର। ମା' ରୀନାରାଣୀ ଜଣେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ । ତାଙ୍କଠାରୁ ପ୍ରେରଣା ପାଇ ସେ ଆଗକୁ ବଢି ଚାଲିଛନ୍ତି। ମା'ବାପାଙ୍କ ସମେତ ପରିବାର ସମସ୍ତ ସଦସ୍ୟ ତାଙ୍କୁ ନୃତ୍ୟାଭ୍ୟାସ ଲାଗି ଉତ୍ସାହିତ କରି ଆସୁଛନ୍ତି। ସପ୍ତମ ଶ୍ରେଣୀରୁ ସେ ଆଧୁନିକ ଓ ଶାସ୍ତ୍ରୀୟ ନୃତ୍ୟ ରୁଚି ରଖି ଅଭ୍ୟାସ କରି ଆସୁଛନ୍ତି। ପାଠପଢା ସମୟ ବ୍ୟତୀତ ସକାଳେ ଓ ସନ୍ଧ୍ୟାରେ ଘଣ୍ଟାଏ ଲେଖାଏ ଅଭ୍ୟାସ କରନ୍ତି। ନୃତ୍ୟାଭ୍ୟାସ ତାଙ୍କ ପାଠପଢାରେ ବାଧକ ସାଜି ନାହିଁ । ଓଡିଶୀର ମଙ୍ଗଳାଚରଣ, ଶ୍ରୀକୃଷ୍ଣଙ୍କ ମାନଭଞ୍ଜନ ନୃତ୍ୟ ତାଙ୍କର ଅଧିକ ପସନ୍ଦ। ଓଡ଼ିଶୀ ନୃତ୍ୟରେ ଛନ୍ଦ, ତାଳ ଓ ଲୟ ନିଆରା। ସେ ଭଦ୍ରକ ସ୍ଥିତ ମନମୋହନ ସଂଗୀତ ପରିଷଦରେ କେଶବ ଚନ୍ଦ୍ର କରଙ୍କ ଠାରୁ ୩ ବର୍ଷ ଆଧୁନିକ ନୃତ୍ୟ ଶିକ୍ଷାଲାଭ କରିବା ପରେ ପୁଣି ୩ବର୍ଷ ଓଡିଶୀ ନୃତ୍ୟ ଶିକ୍ଷା କରିଛନ୍ତି। ବିଭିନ୍ନ ମଞ୍ଚରେ ଏହି ନୃତ୍ୟ ପରିବେଷଣ କରି ଦର୍ଶକଙ୍କ କରତାଳି ଓ ପ୍ରଶଂସା ହାସଲ କରି ଆସୁଥିବାରୁ ଏହା ତାଙ୍କୁ ଅଧିକ ଉତ୍ସାହିତ କରିଛି। ପ୍ରତିଭା କେବେ ଲୁଚି ରହେନି। ସୁବିଧା ସୁଯୋଗ ମିଳିଲେ, ବର୍ତ୍ତମାନର ଯୁବପିଢି ଲୁକ୍କାୟିତ ପ୍ରତିଭାର ବିକାଶ ଘଟାଇ ପାରିବେ। ୨୦୧୬ରେ ଆନନ୍ଦ ବଜାର ହାଇସ୍କୁଲ ମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରି ଶିଲ୍ଡ ଓ ମାନପତ୍ର ପାଇବା ତାଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିଛି। ଭବିଷ୍ୟତରେ ନୃତ୍ୟକଳାର ପ୍ରଚାର ପ୍ରସାର ଲାଗି କାର୍ଯ୍ୟ କରିବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି।



ନୃତ୍ୟଶିଳ୍ପୀ ମୋନାଲିସା

## ପ୍ରାଣୀଧନ ଚିକିତ୍ସାରେ ୟୁଜର୍ସ ଫି ବାଧକ ସାଜୁଛି

**ବନ୍ତ,୨୩।୭(ସ୍ୱ.ପ୍ର.)**

ଗୃହପାଳିତ ପ୍ରାଣୀଧନଙ୍କ ଚିକିତ୍ସା ଲାଗି ଆଦାୟ ହେଉଥିବା ୟୁଜର୍ସ ଫି ଛାଡ କରିବା ଦିଗରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ପଶୁପକ୍ଷୀ ପାଳନ କରୁଥିବା ଚାଷୀ ଚିନ୍ତା ପ୍ରକଟ କରିଛନ୍ତି। ୧୯୯୯, ଡିସେମ୍ବର ୨୪ ତାରିଖରୁ ପଶୁପକ୍ଷୀଙ୍କ ଚିକିତ୍ସା ପାଇଁ ବ୍ୟାବହାରିକ ଦେୟ ଲାଗୁ ହୋଇଥିଲା। ସେତେବେଳେ ଡାକ୍ତଖାନାରେ ଗୃହପାଳିତ ପ୍ରାଣୀଙ୍କୁ ଚିକିତ୍ସା କଲେ ୫ ଟଙ୍କା ଓ ଘରକୁ ଯାଇ ଚିକିତ୍ସା କଲେ ୧୦ ଟଙ୍କା ଦେୟ ଦେବାକୁ ପଡୁଥିଲା। ପରେ ଏହାକୁ ବୃଦ୍ଧି କରି ଯଥାକ୍ରମେ ୧୦ ଓ ୨୦ ଟଙ୍କା କରାଗଲା। ବର୍ତ୍ତମାନ ଗାଈବଳଦଙ୍କୁ ବଜବଜିଆ ରୋଗରେ ପ୍ରତିକାର ଲାଗି ୪ ଥର ଟିକା ଦିଆଯାଉଛି। ସେହିପରି ସାହାଣା ଟିକା ୨ ଥର, ଫାଟୁଆ ପାଇଁ ୨, ଆନ୍ଥ୍ରାକ୍ସ ଲାଗି ୨ଥର ଟିକା ଦେବାକୁ ପଡୁଛି। ଛେଳି ମେଣ୍ଢାଙ୍କୁ ପିପିଆର, ଆନ୍ତଃବିଷାଣୁ, ବସନ୍ତ ଟିକା ଆଦି ଦିଆଯାଉଛି। କୁକୁଡା ଓ କୁକୁଡା ଚିଆଁ ମାନଙ୍କୁ ରାଣୀକ୍ଷେତ ଏଫ-୧ ଓ ରାଣୀକ୍ଷେତ ଆର-୨ ଟିକା ଦିଆଯାଉଛି। ଛେଳିଙ୍କ କ୍ଷେତ୍ରରେ ବ୍ୟାବହାରିକ ଦେୟକୁ ୧ରୁ ୨ ଟଙ୍କା ରଖାଯାଇଥିଲେ ହେଁ ଟିକା ବାବଦରେ ୪୦ ଟଙ୍କା ନିଆଯାଉଛି। ଥାଇଲେରିଆ ଟିକା ବାହାରୁ ଆମଦାନୀ ହେଉଥିବାରୁ ଏଥିଲାଗି ୫୩ ଟଙ୍କା ଦେବାକୁ ପଡୁଛି। ଏଭଳି କାରଣରୁ ଗରିବ ଚାଷୀମାନେ ଅଧିକ ପ୍ରଭାବିତ ହେଉଛନ୍ତି। ଅନେକ ଠିକ୍ ସମୟରେ ଚିକିତ୍ସା କରାଇ ପାରୁ ନ ଥିବାରୁ ଗୃହପାଳିତ ପ୍ରାଣୀ ମୃତ୍ୟୁମୁଖରେ ପଡୁଛନ୍ତି। କେନ୍ଦ୍ର ସରକାର ପ୍ରାଣୀ ସମ୍ପଦର ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ବହନ କରିବ ବୋଲି ନିଷ୍ପତ୍ତି ନେଇଥିବା ବେଳେ ଓଡ଼ିଶାରେ ଏପର୍ଯ୍ୟନ୍ତ ୟୁଜର୍ସ ଫି ଛାଡ କରାଯାଇ ନାହିଁ । ଏନେଇ ସ୍ଥାନୀୟ ଅଞ୍ଚଳର ଚାଷୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଭଦ୍ରକ କଲେଜ ପଡିଆରେ ହେବ ଜିଲାସ୍ତରୀୟ ପରେଡ଼



ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ଭଦ୍ରକ ଅଫିସ,୨୩।୭**

ଭଦ୍ରକରେ ଜିଲାସ୍ତରୀୟ ୭୩ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ସାହିତ୍ୟିକ, ବିଭିନ୍ନ ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଦିବସ କିପରି ପାଳନ କରାଯିବ ସେଥିପାଇଁ ବିଭିନ୍ନ କାର୍ଯ୍ୟଖସଡା ସ୍ଥିର କରାଯାଇଥିଲା। ଏଥର ସକାଳ ୯ଟା୧୫ ସମୟରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପାଳନ କରାଯିବ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅଗଷ୍ଟ ୫ରୁ ୬ତାରିଖ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ଦେଶାତ୍ମକବୋଧ ସଙ୍ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମ ସଂସ୍କୃତିଭବନ ପରିସରରେ କରାଯିବ ବୋଲି ସ୍ଥିର ହୋଇଥିଲା। ସଭା ପ୍ରାରମ୍ଭରେ ଭଦ୍ରକ ଜିଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମହେନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଗୋଲଖଚନ୍ଦ୍ର ବେହେରା ସ୍ୱାଧୀନତା ଦିବସ ପାଳନ ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ।

## ଇଞ୍ଜିନିୟରିଂ କଲେଜରେ କର୍ମଚାରୀଙ୍କୁ ହତ୍ୟା ଧମକ

**ଭଦ୍ରକ ଅଫିସ,୨୩।୭**

ବରପଦା ଇଞ୍ଜିନିୟରିଂ କଲେଜ ଭିତରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ଅନ୍ୟ ୩ ଜଣ କର୍ମଚାରୀ ହତ୍ୟା ଧମକ ଦେଇଥିବା ନେଇ ସୋମବାର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା(ନଂ ୩୮୦/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ କଲେଜର କର୍ମଚାରୀ ଯତୀନ୍ଦ୍ର କୁମାର ଘଡେଇ ଆଡ୍‌ମିଶନ୍ କାର୍ଯ୍ୟରେ ଏମ୍‌ବିଏ ସେକ୍ସନକୁ ଯାଇଥିବା ବେଳେ କଲେଜର ୩ ଜଣ କର୍ମଚାରୀ ତାଙ୍କୁ ଗାଳି କରିବା ସହ ଚାପୁଡା ମାରିବାରୁ ସେ ତଳେ ପଡି ଯାଇଥିଲେ। ଯତୀନ୍ଦ୍ର ପାଟି କରିବାରୁ ଅନ୍ୟ କର୍ମଚାରୀମାନେ ଆସି ପହଞ୍ଚିବାରୁ ଏହି ୩ ଜଣ ହତ୍ୟା ଧମକ ଦେଇ ସେଠାରୁ ଚାଲିଯାଇଥିଲେ। ଏନେଇ ପୋଲିସ ୩ ଅଭିଯୁକ୍ତଙ୍କ ନାମରେ ଦଫା ୩୪୧, ୨୯୪, ୩୨୩, ୫୦୬, ୩୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା କହିଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

## ■ ୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା
# ଉଦୟ ଚାମ୍ପିୟନ




ଉଦୟ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି।

**ବନ୍ତ,୨୩।୭(ସ୍ୱ.ପ୍ର.)**

ଓଡିଶା ଷ୍ଟେଟ ୟୁଥ ଓପନ ଚେସ୍ ଚାମ୍ପିୟନଶିପ୍‌ରେ ୯ ବର୍ଷରୁ କମ୍ ପ୍ରତିଯୋଗିତାରେ ଭାଗ ନେଇ ଭଦ୍ରକ ଜିଲା ବନ୍ତ ବ୍ଲକ ସିଲନ୍ଦି ଗ୍ରାମର ଚେସ ଖେଳାଳୀ ଉଦୟ ପରିଡା ଚାମ୍ପିୟନ ହୋଇଛନ୍ତି। କେନ୍ଦୁଝର ସଦର ଉପକଣ୍ଠ ଡିମ୍ବୋସ୍ଥିତ ଯାନ୍ତ୍ରିକ ବିଦ୍ୟାଳୟରେ ଗତ ୨୦ ରୁ ୨୨ ତାରିଖ ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ୨୫ ବର୍ଷରୁ କମ ବର୍ଗରେ ୬୦ ପ୍ରତିଯୋଗୀ ଭାଗ ନେଇଥିଲେ। ସିନିୟରରେ ୫ ଜଣ କୃତୀ ପ୍ରତିଯୋଗୀ ଜାତୀୟ ସ୍ତରକୁ ଉନ୍ନୀତ ହୋଇଛନ୍ତି। ଉଦୟ ୬ ରାଉଣ୍ଡ ଖେଳି ୯ ବର୍ଷରୁ କମ୍ ଜୁନିୟର ବର୍ଗରେ ଚାମ୍ପିୟନ ହୋଇ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ କେନ୍ଦୁଝର ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ରାଜ୍ୟସ୍ତରୀୟ ଚେସ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ଜିଲା ଆସୋସିଏଶନ ସମ୍ପାଦକ ଅମର ମହାନ୍ତି, ସଭାପତି ଇଂ ବସନ୍ତ କୁମାର ଜାନୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସିଲନ୍ଦି ଗ୍ରାମର ନରେନ୍ଦ୍ର ପରିଡାଙ୍କ ସାନପୁଅ ଉଦୟ ଏକ ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ବି ରାଜ୍ୟ ଓ ରାଜ୍ୟ ବାହାରେ ଅନୁଷ୍ଠିତ ଚେସ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଡିମ୍ବୋସ୍ଥିତ ଯାନ୍ତ୍ରିକ ବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତାକୁ ଯିବା ପାଇଁ ଭଦ୍ରକ ଶହୀଦ ଭଗତ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର ତାଙ୍କୁ ସହଯୋଗ କରିଥିଲେ।

## ୬ ମାସ ପରେ ରାଶନ ସାମଗ୍ରୀ ପାଇଲେ ହିତାଧିକାରୀ

**ବନ୍ତ,୨୩।୭(ଡି.ଏନ୍.ଏ.)**

**ଧରିତ୍ରୀ ପ୍ରଭାବ**

ଖାଦ୍ୟ ସୁରକ୍ଷା ଯୋଜନାରେ ବିଭିନ୍ନ ତ୍ରୁଟି ଓ ଅନିୟମିତତା ଯୋଗୁ ପ୍ରକୃତ ହିତାଧିକାରୀ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଭଦ୍ରକ ଜିଲା ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ପାଟଣା ସାହିର ବାୟାଣୀ ମୈକାପ ୨୦୧୮ ଅକ୍ଟୋବର ୨ ତାରିଖରେ ରାଶନ କାର୍ଡ ପାଇଥିଲେ ମଧ ତାଙ୍କୁ ଏଯାଏ ରାଶନ ସାମଗ୍ରୀ ମିଳି ନ ଥିଲା। ଏ ସମ୍ପର୍କରେ ଗତ ୨୧ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରି ଅନୁଧ୍ୟାନ କରିଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରା ସମ୍ପୃକ୍ତ ହିତାଧିକାରୀଙ୍କ ଘରକୁ ଯାଇ ତାଙ୍କୁ ୬ ମାସର ବକେୟା ଚାଉଳ, ଗହମ ଓ କିରୋସିନ ପ୍ରଦାନ କରିଛନ୍ତି। ଆସନ୍ତା ମାସଠାରୁ ତାଙ୍କୁ ନିୟମିତ ସାମଗ୍ରୀ ଯୋଗାଣର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ସରପଞ୍ଚଙ୍କ ପ୍ରତିନିଧି ନିମାଇଁ ଚରଣ ଜେନା, ସମାଜସେବୀ ମାର୍କଣ୍ଡ ବେହେରା, ଦୀପକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରାଶନ ସାମଗ୍ରୀ ପାଇବା ପରେ ସମ୍ପୃକ୍ତ ହିତାଧିକାରୀ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରାଙ୍କୁ ପଚାରିବାରୁ ଘଟଣାର ଯାଞ୍ଚ ପରେ ହିତାଧିକାରୀଙ୍କୁ ଖାଉଟି ସାମଗ୍ରୀ ଦିଆଯାଇଛି ବୋଲି କହିଛନ୍ତି।

## ମନମୋହନ ସଙ୍ଗୀତ ପରିଷଦର ନୂତନ କର୍ମକର୍ତ୍ତା

**ଭଦ୍ରକ ଅଫିସ, ୨୩।୭**

ଭଦ୍ରକ ମନମୋହନ ସଙ୍ଗୀତ ପରିଷଦ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅଭିମନ୍ୟୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ରାୟ ରାମାନନ୍ଦ ମହାପାତ୍ର ସଭାପତି, ବ୍ୟୋମକେଶ ସେନାପତ ଉପସଭାପତି , ଭଜଗୋବିନ୍ଦ ଜେନା ସାଧାରଣ ସମ୍ପାଦକ ଏବଂ ଆଦିତ୍ୟ କୁମାର ନାୟକଙ୍କୁ କୋଷାଧ୍ୟକ୍ଷ ପୁନଶ୍ଚ ଆସନ୍ତା ୩ ବର୍ଷ ସକାଶେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ପୂର୍ବ କମିଟିର ସମସ୍ତ ସଦସ୍ୟ ପୂର୍ବପରି ଏହି କାର୍ଯ୍ୟକାରୀ କମିଟିରେ ରହିବେ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ପରିଷଦର ୬୭ ବର୍ଷ ବାର୍ଷିକ ଉତ୍ସବ ଆସନ୍ତା ଡିସେମ୍ବର ମାସରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ଏକ ମୁଖପତ୍ର ପ୍ରକାଶ କରିବାକୁ ବୈଠକରେ ସ୍ଥିର ହୋଇଥିଲା। ଏଥିଲାଗି ଲେଖା ସଂଗ୍ରହ କରିବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ଇନ୍‌ଟାକ୍‌ର ସାଂସ୍କୃତିକ କାର୍ଯ୍ୟକ୍ରମ

**ଭଦ୍ରକ ଅଫିସ, ୨୩।୭**

ଭଦ୍ରକ ଇନ୍‌ଟାକ୍ ପକ୍ଷରୁ କଳା ସଂସ୍କୃତିର ସୁରକ୍ଷା ଲାଗି ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ସମାରୋହ ଦିବ୍ୟମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡ. ସନାତନ ମହାନ୍ତି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଆବାହକ ତଥା ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତି ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। କାଉପୁର ଗ୍ରାମର ଜୟ ମା' ଅନୁଷ୍ଠାନର ପାଲା ଗାୟକ ଲୋକନାଥ ପରିଡାଙ୍କ ଦଳ ପାଲା ପରିବେଷଣ କରିଥିଲେ। ଭଦ୍ରକର ବେନ୍ତାଳ ଗ୍ରାମର ପଣ୍ଡିତ ପ୍ରଫେସର ଡ. ନରସିଂହ ଚନ୍ଦ୍ର ପଣ୍ଡାଙ୍କୁ ତାଙ୍କ କୃତି ପାଇଁ ଇନ୍‌ଟାକ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ପଣ୍ଡା ତାଙ୍କ ବିଦେଶଗସ୍ତ ଅନୁଭୂତି ସହ ସଂସ୍କୃତ ସାହିତ୍ୟର ପ୍ରଚାର ପ୍ରସାର ପାଇଁ କରିଥିବା ଉଦ୍ୟମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସହପାଲାଗାୟକ ଦଳକୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା।



ପାଲା ପରିବେଷଣ କରାଯାଉଛି।

## ସହଭାଗିତାରେ ସର୍ବାଙ୍ଗୀନ ଉନ୍ନତି ପ୍ରତି ଗୁରୁତ୍ୱ
### ଲିଙ୍ଗଗତ ସମ୍ବେଦନଶୀଳତା ପଞ୍ଚାୟତ ବିକାଶ ଯୋଜନାରେ ସଭ୍ୟାସଭ୍ୟଙ୍କୁ ପ୍ରଶିକ୍ଷଣ

**ବନ୍ତ,୨୩।୭(ଡି.ଏନ୍.ଏ.)**




ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରଶିକ୍ଷକମାନେ।

ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଲିଙ୍ଗଗତ ସମ୍ବେଦନଶୀଳତା ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରତି ପଞ୍ଚାୟତ ସ୍ତରରେ ଯୋଜନା ପ୍ରସ୍ତୁତି ଓ ଏହାର ରୂପାୟନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଜୟନ୍ତୀ ପାଠାଗାର ଓ ଡିଆର୍‌ଡିଏ, ଭଦ୍ରକ ଆନୁକୂଲ୍ୟରେ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବୁଧବାର ପର୍ଯ୍ୟନ୍ତ ଚାଲିବ । ପଞ୍ଚାୟତର ସବୁ ବର୍ଗର ଲୋକଙ୍କ ସହଭାଗିତାରେ ଗ୍ରାମ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ପଞ୍ଚାୟତର ଜନପ୍ରତିନିଧିମାନେ ଷ୍ଟାଣ୍ଡିଂ କମିଟିର ସଦସ୍ୟମାନଙ୍କୁ ନେଇ କିଭଳି ଯୋଜନା ପ୍ରସ୍ତୁତି କରି ଏହାକୁ କାର୍ଯ୍ୟକାରୀ କରିବେ ସେନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏଥିରେ ଏପିଡି(ଟ୍ରେନିଂ), ଡିଆର୍‌ଡିଏ ରୂପାଲୀ ମହାପାତ୍ର, ଜିପିଓ ନିଶିକାନ୍ତ ଖୁଣ୍ଟିଆ, ପ୍ରଶିକ୍ଷକ ଜୟଶ୍ରୀ ମହାନ୍ତି, ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଟିଲୋ, ବନ୍ତ, ରାମଚନ୍ଦ୍ରପୁର, ଆଡିଆ, ବସନ୍ତିଆ ଆଦି ୫ ପଞ୍ଚାୟତର ୫୦ ସଭ୍ୟାସଭ୍ୟଙ୍କ ସମେତ ଡିଆର୍‌ଡିଏ ତରଫରୁ ଗଠିତ ଜିପି ପ୍ଲାନିଂ ୟୁନିଟ୍ ର ୧୦ ଜଣ ଲେଖାଏ ସଭ୍ୟାସଭ୍ୟ ଯୋଗ ଦେଇଛନ୍ତି। ଭଦ୍ରକ ଜୟନ୍ତୀ ପାଠାଗାରର ସଭାପତି ସତ୍ୟସୁନ୍ଦର ସାହୁ, ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ରାଉତ ମଙ୍ଗଳବାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୫ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ସମଗ୍ର ବ୍ଲକରେ ଅନୁଷ୍ଠିତ ହେବ ।

**ସଂକ୍ଷେପରେ**

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଘୁଞ୍ଚିଲା

**ବାଲେଶ୍ୱର ଅଫିସ,୨୩।୭:** ବାଲେଶ୍ୱର ଠାରେ ଜିଲାସ୍ତରୀୟ ୭୩ତମ ସ୍ୱାଧୀନତା ଦିବସ ପାଳନର ପ୍ରସ୍ତୁତି ବୈଠକ ୨୪ ତାରିଖରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ହେବାକୁ ଥିଲା। ତାହାକୁ ଅନିବାର୍ଯ୍ୟ କାରଣ ବଶତଃ ଆସନ୍ତା ୨୮ ତାରିଖ ରବିବାରକୁ ଘୁଞ୍ଚାଇ ଦିଆଯାଇଛି। ତେବେ ପ୍ରସ୍ତୁତି ବୈଠକ ଆୟୋଜନର ସ୍ଥାନ ଓ ସମୟ ଅପରିବର୍ତ୍ତିତ ରହିଛି। ଜିଲାପାଳ ଓ ଅତିରିକ୍ତ ଜିଲାପାଳ ଏକ ଜରୁରୀ ସରକାରୀ ବୈଠକରେ ଯୋଗଦେବାକୁ ଭୁବନେଶ୍ୱର ଯାଉଥିବାରୁ ଏହି ବୈଠକକୁ ଘୁଞ୍ଚାଇ ଦିଆଯାଇଛି ବୋଲି ସୂଚନା ମିଳିଛି।

## ରୋଟାରିଆନ ଶିବାନନ୍ଦଙ୍କ ପରଲୋକ

**ବାଲେଶ୍ୱର ଅଫିସ, ୨୩।୭:** ବାଲେଶ୍ୱର ସହରର ଭାସ୍କରଗଞ୍ଜ ଗ୍ରାମର ରୋଟାରିଆନ ଶିବୁ ଦାସମହାପାତ୍ର (୭୫)ଙ୍କ ସୋମବାର ହୃଦଘାତରେ ପରଲୋକ ଘଟିଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଡାକ୍ତରଙ୍କୁ ଦେଖାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ଏକମାତ୍ର ପୁତ୍ର ପ୍ରୀତମ ଦାସ, ଝିଅ ପ୍ରୀତି ମହାନ୍ତି ଓ ଜାମାତା ଏସ୍.ଏନ୍. ମହାନ୍ତି ପ୍ରମୁଖ ଶେଷ ସମୟରେ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ରୋଟାରୀ କ୍ଲବ ପରିସରକୁ ନିଆଯାଇ ସେଠାରେ ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିରେ ସୁବ୍ରତ କର, ଇଂ. ସୌରଭ ବେହେରା, ପଦାରବିନ୍ଦ ମହାପାତ୍ର, ଉଦୟ ରଞ୍ଜନ ଦାସ, ପରେଶ ଗାଏନ, ଯଶୋଦା ନନ୍ଦନ ଆଶ୍, ରାମଚନ୍ଦ୍ର ଓଝା, କଲ୍ୟାଣ ଚାନ୍ଦ, ଲାଲୁ ଦାସ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ।

## ଡ୍ରଗ୍ସ ଅଫିସ୍‌ରେ ବାହ୍ୟ ହସ୍ତକ୍ଷେପ ଅଭିଯୋଗ

**ବାଲେଶ୍ୱର ଅଫିସ,୨୩।୭:** ବାଲେଶ୍ୱର ଡ୍ରଗ୍ସ ସଦର ରେଞ୍ଜ ଅଫିସ୍‌ରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଉପସ୍ଥିତି ଓ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ହସ୍ତକ୍ଷେପ ଘଟଣା ଚର୍ଚ୍ଚାକୁ ଆସିଛି। ବାଲେଶ୍ୱର ଡ୍ରଗ୍ସ ସଦର ରେଞ୍ଜ ମ୍ୟୁନିସିପାଲିଟି ଏବଂ ଟାଉନ୍ ଥାନା ଏରିଆକୁ ନେଇ ଗଠିତ। ଏଥିରେ ଥିବା ୨୫୦ରୁ ଊର୍ଦ୍ଧ୍ୱ ଔଷଧ ହୋଲସେଲର ଏବଂ ୨୭୦ରୁ ଊର୍ଦ୍ଧ୍ୱ ଔଷଧ ଦୋକାନ ପ୍ରତି ୬ମାସରେ ସେମାନଙ୍କର ନିୟମାବଳୀ ଅନୁସାରେ ଠିକ୍ ଅଛି କି ନାହିଁ ଯାଞ୍ଚ କରାଯାଏ। ଏହାକୁ ଡ୍ରଗ୍ସ ସଦର ରେଞ୍ଜ ଇନ୍ସପେକ୍ଟର ଯାଞ୍ଚ କରି ରିପୋର୍ଟ ଦେଇଥାନ୍ତି। ଏହି କାର୍ଯ୍ୟାଳୟରେ ପ୍ରାୟ ସବୁଦିନ ଜଣେ ଅବସରପ୍ରାପ୍ତ କର୍ମଚାରୀ ବସି ରହି ବିଭିନ୍ନ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ଅଭିଯୋଗ ହେଉଛି। ଏଭଳି ସମସ୍ୟା ସମ୍ପର୍କରେ ଡ୍ରଗ୍ସ ସଦର ରେଞ୍ଜ ଅଧିକାରୀ ଓଝାମଣି ମାରାଣ୍ଡିଙ୍କୁ ପଚାରିବାରୁ କହିଛନ୍ତି, ସେ ଘଟଣା ବିଷୟରେ କିଛି ଜାଣିନାହାନ୍ତି। ଅବସର ପରେ କୌଣସି କର୍ମଚାରୀ ଅଫିସ୍‌ରେ ରହିବା ବେଆଇନ। ଏହାକୁ ସେ ଅନୁଧାନ କରି ଆବଶ୍ୟକ ପଦକ୍ଷେପ ନେବେ।



ବିଦ୍ୟାଳୟ ଫାଟକ ସମ୍ମୁଖରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

### ବିଦ୍ୟାଳୟ ସାମ୍ନାରୁ ଛାତ୍ର ଅପହରଣ ଘଟଣା

# ପ୍ରତିବାଦରେ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

**ବାହାନଗା, ୨୩।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ଗ୍ରାମର ଶଙ୍କରପଦା ପ୍ରାଥମିକ ବିଦ୍ୟାଳୟର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟ ସାମ୍ନାରୁ ସୋମବାର ଅପରାହ୍ଣରେ କେତେକ ମହିଳା ଓ ପୁରୁଷ ମୁହଁରେ କଳାକପଡ଼ା ବାନ୍ଧି ଅପହରଣ କରିନେଇଥିଲେ। ଏ ବିଷୟରେ ଛାତ୍ରଙ୍କ ଜେଜେବାପା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୃଥକ ଭାବେ ଦୁଇଟି ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସୋର ପୋଲିସ

**ବ୍ୟବହୃତ ଗାଡ଼ି ଜବତ, ୨ ଅଟକ**

ବ୍ୟବହୃତ କମାଣ୍ଡୋକୁ ଜବତ କରିବା ସହିତ ୨ଜଣଙ୍କୁ ଅଟକ ରଖିଛି।

ବିଦ୍ୟାଳୟ ସାମ୍ନାରୁ ଅପହରଣକୁ ବିରୋଧ କରି ମଙ୍ଗଳବାର ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣାରେ ବସିଥିଲେ। ଖବରପାଇ ସିଆର୍‌ସିସି ଗୌର ଚନ୍ଦ୍ର ଦାଶ ଓ ଏବିଇଓ ରୋହିଆ ଟୁଡୁ ଧାରଣାସ୍ଥଳରେ ପହଞ୍ଚି ବିଦ୍ୟାଳୟ ତରଫରୁ ଯାହା ସାହାଯ୍ୟ କରାଯିବା କଥା ଆମେ କରିବୁ। ସେଥିପାଇଁ ଘଟଣା ଦିନ ରାତିରେ ଥାନରେ ଅଭିଯୋଗ କରିଛୁ। ତାହାର ଅଗ୍ରଗତି ନେଇ ଆମ ବିଭାଗ ତରଫରୁ ସୋର ଥାନାକୁ ଏକ ଚିଠି ଦେବା ସହିତ କିପରି ଅପହରଣ ହୋଇଥିବା ଛାତ୍ରଙ୍କୁ ଫେରାଇ ଅଣାଯିବ ସେଥିପାଇଁ ଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣାରେ ବ୍ୟବହୃତ କମାଣ୍ଡୋ ଗାଡ଼ି (ନଂ. ଓଆର୍-୦୫ଏଚ୍-୨୯୫୫)କୁ ସୋମବାର ରାତିରେ ପୋଲିସ ଆରୁହାବାଡ଼ ଗ୍ରାମରୁ ଜବତ କରିଛି। ତେବେ ଅପହରଣରେ ସମ୍ପୃକ୍ତ ଥିବା ୨ଜଣଙ୍କୁ ପୋଲିସ ସୋର ଥାନାରେ ଅଟକ ରଖିଛି।

ଗ୍ରାମର ଅଭିଭାବକ ଜିତେନ୍ଦ୍ର ମହାଳିକ, ହୃଷିକେଶ ମହାଳିକ, ଜୟନ୍ତୀ ମହାଳିକ, ରାଜଶଙ୍କର ମହାଳିକ, ସୁଶାନ୍ତ ମହାଳିକ, ସୁମନ୍ତ ମହାଳିକ, ଶରତ ମହାଳିକ, ମିନତୀ ମହାଳିକ, ଶାନ୍ତିଲତା ମହାଳିକ, ପ୍ରମିଳା ମହାଳିକ, ମମତା ମହାଳିକ ପ୍ରମୁଖ ଛାତ୍ରୀଛାତ୍ରଙ୍କ ସହ ଧାରଣାରେ ସାମିଲ ହୋଇଥିଲେ।

## ଭାଜପାରେ ମିଶିଲେ ପୂର୍ବତନ ସରପଞ୍ଚ

**ବାଲିଆପାଳ, ୨୩।୭(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୁଣାକର ସାହୁ ବିଜେଡି ଛାଡି ସୋମବାର ଭାଜପାରେ ଯୋଗ ଦେଇଛନ୍ତି। ସେ ଭାଜପାର ବରିଷ୍ଠ ନେତା ତଥା ପୂର୍ବତନମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ବାସଭବନରେ ବିଧିବଦ୍ଧ ଭାବେ ମିଶିଲେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଆଗାମୀ ସପ୍ତାହରେ ତାଙ୍କର ଅନ୍ୟ ସମର୍ଥକମାନେ ଭାଜପାରେ ମିଶିବେ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ଭାଜପା ନେତା ତଥା ପୂର୍ବତନମନ୍ତ୍ରୀ ମହାନ୍ତି ତାଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ନେତା ଅରବିନ୍ଦ ବେହେରା, ମଣ୍ଡଳ ସଭାପତି ନୀଳକଣ୍ଠ ଜେନା, ପଞ୍ଚାୟତ ସଭାପତି କମଳାକାନ୍ତ ସାହୁ, ରାଧାଶ୍ୟାମ ସାହୁ, ଲକ୍ଷ୍ମୀଧର ସାହୁ, କରୁଣାକର ସେନାପତି, ସୁଶାନ୍ତ ସେଠୀ, ଅଜୟ ଜେନା, ଜାମକୁଣ୍ଡା ପଞ୍ଚାୟତ ସଭାପତି ରାଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଯୁବକ ମୃତ

**ଖଇରା, ୨୩।୭(ଡି.ଏନ.ଏ.):** ଖଇରା ବ୍ଲକ ସୁଣ୍ଡିରା-ଗଣ୍ଡିବେଡ ପଞ୍ଚାୟତ ଖାଡିଗୋଛି ଗ୍ରାମର ଜୀବନଜ୍ୟୋତି ଦାଶ(୨୪) ସୋମବାର ସାପ କାମୁଡାରେ ପ୍ରାଣ ହରାଇଛନ୍ତି। ବାପା ଗଜେନ୍ଦ୍ର ବାହାରେ ରହୁଥିବା ବେଳେ ଜୀବନ ଖାଇସାରି ମା'ଙ୍କ ପାଖରେ ଶୋଇଥିଲେ। ରାତିରେ ସାପଟିଏ ଚୋଟ ମାରିବା ପରେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ସେ ତାଙ୍କ ମା'ଙ୍କୁ କହିବା ପରେ ଅଟୋରିକ୍ସା ଯୋଗେ ଭଦ୍ରକ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଅବସ୍ଥା ଗରୁତର ହେବାରୁ କଟକ ସ୍ଥାନାନ୍ତର ଲାଗି ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଯୁବକଙ୍କ ଆତ୍ମହତ୍ୟା

**ଗୁପ୍‌ସା, ୨୩।୭(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଛାନୁଆ ଗ୍ରାମର ଜଣେ ଯୁବକ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ଶ୍ରୀନିବାସ ବାରିକଙ୍କ ପୁଅ ଶମ୍ଭୁନାଥ (୨୫)। ସେ ଚିଙ୍ଗୁଡ଼ି ଫାର୍ମରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ କହିଛନ୍ତି। ବସ୍ତା ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୫/୧୯) ରୁଜ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# ପର୍ଯ୍ୟଟନସ୍ଥଳୀ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

**ଭୋଗରାଇ,୨୩।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ନୂତନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମଙ୍ଗଳବାର ଭୋଗରାଇର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବିକାଶ ଲାଗି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଜିଲାପାଳ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ଜୀଉଙ୍କଠାରେ ପୂଜାର୍ଚ୍ଚନା କରିବା ସହିତ ଶୈବପୀଠର ବିକାଶ ସମ୍ପର୍କରେ ଟ୍ରଷ୍ଟବୋର୍ଡ଼ର ସଦସ୍ୟ, ସେବାୟତ ଓ ଜନପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ସେଠାରୁ ଜିଲାପାଳ ଅନନ୍ୟ ବେଳାଭୂମି ତାଳସାରୀ, ଉଦୟପୁର ପର୍ଯ୍ୟଟନସ୍ଥଳୀରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କଠାରୁ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ଉଦୟପୁରକୁ ଲାଗିଥିବା ପଶ୍ଚିମବଙ୍ଗ ଦୀଘା ସୈକତ ସହରକୁ ପରିଦର୍ଶନରେ ଯାଇ ସେଠାରେ ଉନ୍ନୟନ କାର୍ଯ୍ୟ ଉପଲବ୍ଧ କରି ଜିଲାପାଳ ଭୋଗରାଇ ବ୍ଲକରେ ପ୍ରଶାସନିକ ସ୍ତରରେ ଏକ ସଂକ୍ଷିପ୍ତ ବୈଠକ କରିଥିଲେ। ବୈଠକରେ ଭୋଗରାଇ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ବିଜୟ କୁମାର ଗିରି, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ଭାଇସ୍ ଚେୟାରମ୍ୟାନ୍ ଦୀପକ କୁମାର ଦାସ, ପୂର୍ବତନ ଜିଲାପରିଷଦ ସଦସ୍ୟ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଭୋଗରାଇର ଉନ୍ନୟନ ଯୋଜନାର ବିକାଶ ଓ କାର୍ଯ୍ୟ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ।

## ଗୋପାଳ ଜିଲା କିଶୋର ନ୍ୟାୟ ପରିଷଦର ସଭ୍ୟ

**ବାଲେଶ୍ୱର ଅଫିସ, ୨୩।୭**



ଗୋପାଳ କୃଷ୍ଣ କର

ବାଲେଶ୍ୱରର ସମାଜସେବୀ ତଥା ଆଇନଜୀବୀ ଗୋପାଳ କୃଷ୍ଣ କରଙ୍କୁ ରାଜ୍ୟସରକାର ଜିଲା କିଶୋର ନ୍ୟାୟ ପରିଷଦର ସଭ୍ୟ ରୂପେ ନିଯୁକ୍ତି ପ୍ରଦାନ କରିଛନ୍ତି। ଶିଶୁମାନଙ୍କର ଅଧିକାର, ଯତ୍ନ ଓ ସୁରକ୍ଷା ଦିଗରେ ସେ କାର୍ଯ୍ୟ କରିଆସୁଛନ୍ତି। ବିଗତ ଦିନରେ ବହୁ ଶିଶୁଙ୍କୁ ସୁରକ୍ଷା ଯୋଗାଇ ଦେବା ସହିତ ପରବର୍ତ୍ତୀ ଅବସ୍ଥାରେ ଥଇଥାନ ମଧ୍ୟ କରିଥିବାର ବହୁ ନଜିର ରହିଛି। ବିଶେଷଭାବେ ଶିଶୁମାନେ କିପରି ଅପରାଧିକ କାର୍ଯ୍ୟରେ ଜଡ଼ିତ ନ ହେବେ ଏବଂ ସମାଜର ମୁଖ୍ୟସ୍ରୋତକୁ ଫେରିଆସିବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ସହିତ ଶିଶୁମାନଙ୍କୁ କିପରି ନ୍ୟାୟ ମିଳିବ ସେ ସମ୍ପର୍କରେ କାର୍ଯ୍ୟ କରିବେ ବୋଲି କର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହି କିଶୋର ନ୍ୟାୟ ପରିଷଦର ସଭ୍ୟ ରୂପେ ପୂର୍ବରୁ ବିଜ୍ଞାପନ ପ୍ରକାଶ ପାଇଥିଲା। ପରେ ଏକ ସାକ୍ଷାତକାର ହୋଇଥିଲା ଓ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ କମିଟିର ସୁପାରିଶକ୍ରମେ ରାଜ୍ୟ ସରକାର ନିଯୁକ୍ତି ପ୍ରଦାନ କରିଥିବାର ସୂଚନା ମିଳିଛି।

# ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଭକ୍ତ ସମ୍ମିଳନୀ

**ସୋର, ୨୩।୭(ଡି.ଏନ.ଏ.)**

ସୋର ବ୍ଲକ ନିକଟ ଜିଲା ସଂଘ ଆସନମନ୍ଦିର ପରମହଂସ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ୩୫ତମ ବାଲେଶ୍ୱର-ଭଦ୍ରକ ଜିଲାସ୍ତରୀୟ ଦୁଇ ଦିନିଆ ଭକ୍ତ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ରବିବାର ଅଧିବାସ ସଭା ପରେ ପ୍ରତୀକ୍ଷା, ଆରତୀ, ସ୍ତୋତ୍ର ବନ୍ଦନା, ଗୁରୁବନ୍ଦନା, ପ୍ରାର୍ଥନା ସଭା, ଆଲୋଚନା, ଅନ୍ତରଙ୍ଗ, ମହିଳା ସଭା, ଭାବବିନିମୟ ଓ ବିଦାୟ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନୀଳାଚଳ ସାରସ୍ୱତ ସଂଘ ପୁରୀ କେନ୍ଦ୍ର ଆସନ ବୀରତୁଙ୍ଗ ପରିଚାଳନା ମଣ୍ଡଳୀ ସମ୍ପାଦକ ବ୍ରହ୍ମାନନ୍ଦ ବେହେରା ପୌରୋହିତ୍ୟ କରିଥିଲେ। ଜିଲା ସଂଘ ସଭାପତି ଗୌରାଙ୍ଗ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପଦ୍ମଲୋଚନ ରାଉତ, ଯୁଏନ୍ କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଟାଉନ୍ ସଂଘ ଆସନ ମନ୍ଦିର ସଭାପତି ବିଜୟ କୁମାର ମହାପାତ୍ର, ଦିପ୍ତୀକାନ୍ତ ପଣ୍ଡା ଓ ଭଗବାନ ନାୟକ ପ୍ରମୁଖ ଠାକୁରଙ୍କ ଜୀବନୀ, ଦର୍ଶନ, ଆଦର୍ଶ ଓ ସ୍ମୃତିରକ୍ଷା ନେଇ ବକ୍ତବ୍ୟରେ କହିଥିଲେ। ମୀନ ପ୍ରସାଦ ମହାନ୍ତି ଓ ଜ୍ୟୋତିରଞ୍ଜନ ମହାନ୍ତି ପ୍ରାର୍ଥନା ସଂଗୀତ ଗାନ କରିଥିଲେ। ଭଦ୍ରକ ଓ ବାଲେଶ୍ୱର ଜିଲା ଅନ୍ତର୍ଗତ ବାଲେଶ୍ୱର, ସୋର, କଳମଙ୍ଗା, ପାଖର, ସାଣ୍ଟପଡା, ପନଦା, ପଲ୍ଲାସାହି, ଦେଉଳି, ରଣପୁର, ଅନ୍ତରା, ଆଗରପଡା, ବାଙ୍କିତରା, ଭଦ୍ରକ, ବରାଙ୍ଗ, ଧୂଷୁରୀ, ବଣିଆ ଆଦି ସାରସ୍ୱତ ସଂଘର ଶତାଧିକ ଭକ୍ତଙ୍କ ସହ ସୋର ତଥା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଓ ଗଣମାଧ୍ୟମର ପ୍ରତିନିଧି ସମ୍ମିଳନୀରେ ଯୋଗଦେଇ ପ୍ରସାଦସେବନ କରିଥିଲେ।

## ଭାଜପାରେ ମିଶିଲେ ପୂର୍ବତନ ସରପଞ୍ଚ

**ବାଲିଆପାଳ, ୨୩।୭(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୁଣାକର ସାହୁ ବିଜେଡି ଛାଡି ସୋମବାର ଭାଜପାରେ ଯୋଗ ଦେଇଛନ୍ତି। ସେ ଭାଜପାର ବରିଷ୍ଠ ନେତା ତଥା ପୂର୍ବତନମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ବାସଭବନରେ ବିଧିବଦ୍ଧ ଭାବେ ମିଶିଲେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଆଗାମୀ ସପ୍ତାହରେ ତାଙ୍କର ଅନ୍ୟ ସମର୍ଥକମାନେ ଭାଜପାରେ ମିଶିବେ ବୋଲିପ୍ରକାଶ କରିଛନ୍ତି। ଏହିଅବସରରେ ଭାଜପା ନେତା ତଥା ପୂର୍ବତନମନ୍ତ୍ରୀ ମହାନ୍ତି ତାଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ଦେଇ ସ୍ୱାଗତ କରିଥିଲେ।

### ପାଣିଛତ୍ର ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା

# ଉପଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

**ଖଇରା, ୨୩।୭(ଡି.ଏନ.ଏ)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପାଣିଛତ୍ର ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ବିରୋଧରେ ଗ୍ରାମବାସୀ ୧୫ତାରିଖରେ ଉପଜିଲାପାଳ ତଥା ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଅନିୟମିତତାର ତଦନ୍ତ କରା ନ ଗଲେ ସମୂହ ଗ୍ରାମବାସୀ ରାଣିତାଲ-କୁପାରୀ ରାସ୍ତା ଅବରୋଧ କରିବାକୁ ଗ୍ରାମର ୱାର୍ଡସଭ୍ୟା ମାଳତୀ ଦାସମହାପାତ୍ର, ପ୍ରସନ୍ନ ଦାସମହାପାତ୍ର, ସରସ୍ୱତୀ ଦାସ, ଶୁଭେନ୍ଦୁ ଦାସମହାପାତ୍ର, ସବିତା ଦାସ ଓ ଅକ୍ଷୟ କୁମାର ଦାସମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି। ତାଙ୍କୁ ସମର୍ଥନ ଜଣାଇଛନ୍ତି ଗୋଳିହା ସରପଞ୍ଚ ପୁଷ୍ପଲତା ଘଡେଇ। ସିଙ୍ଗିଡି ଗ୍ରାମ ପରିବର୍ତ୍ତେ ଅଧିକ ପିଲା ଥିବା ପାଣିଛତ୍ର ୱାର୍ଡର ସଭ୍ୟାଙ୍କୁ କମିଟିରେ ରଖିବା ପାଇଁ ନିର୍ଦ୍ଦେଶ ଥିଲେ ହେଁ ଏହାକୁ ଉଲ୍ଲଂଘନ କରାଯାଇଛି। ସେହିଭଳି ମାତ୍ର ୭ରୁ ୮ଜଣ ପିଲା ପ୍ରତ୍ୟେକ ଦିନ ଉପସ୍ଥିତ ରହୁଥିବା ବେଳେ ୨୦ରୁ ଅଧିକ ପିଲା ଦେଖାଇ ଅର୍ଥ ହଡପ କରିବା, ଅଧିକାଂଶ ଦିନ କେନ୍ଦ୍ର ବନ୍ଦ ରହିବା, କେନ୍ଦ୍ରରେ ରନ୍ଧା ଖାଦ୍ୟ ପରସା ନ ଯିବା, ନିଜେ ସୁପରଭାଇଜର ପରିଦର୍ଶନ କରିବାକୁ ଆସିଥିବା ବେଳେ କେନ୍ଦ୍ର ବନ୍ଦ ରହିଥିବା ଦେଖି ଫେରିଯିବା ଆଦି ୧୮ଟି ଅଭିଯୋଗ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ସୁକାନ୍ତି ପତିଙ୍କୁ ଯୋଗାଯୋଗ କରିବାରେ ୱାର୍ଡ ସଭ୍ୟା ପରିବର୍ତ୍ତନ କାର୍ଯ୍ୟ ହୋଇସାରିଛି। ବାକି ଅଭିଯୋଗର ତଦନ୍ତ ସିଡିପିଓ ଦ୍ୱାରା ହୋଇ ସାରିଛି ବୋଲି କହିଛନ୍ତି।




ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିବା 'ସହାୟକ' କର୍ମକର୍ତ୍ତା।

# 'ସହାୟକ' ପକ୍ଷରୁ ବନ ମହୋତ୍ସବ

**ବାଲେଶ୍ୱର ଅଫିସ,୨୩।୭**

ବାଲେଶ୍ୱର ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସହାୟକ' ପକ୍ଷରୁ ଶେରଗଡ଼ ନିକଟସ୍ଥ ଶ୍ରୀ ଅରବିନ୍ଦ ଆଶ୍ରମରେ ବନ ମହୋତ୍ସବ ପାଳନ କରାଯାଇଛି। ଆଶ୍ରମର ମୁଖ୍ୟ ଭାଗବତ ପ୍ରସାଦ ମହାନ୍ତି ଓ 'ସହାୟକ'ର ସଭାପତି ଇଂ. ସୁରେନ୍ଦ୍ର ନାଥ ଦାସ ଆଶ୍ରମ ପରିସରରେ ଦୁଇଟି ଫଳ ଚାରାରୋପଣ କରି ମହୋତ୍ସବକୁ ଉଦ୍‌ଘାଟନ କରି ତାଙ୍କ ବକ୍ତବ୍ୟରେ ପରିବେଶର ସୁରକ୍ଷା ଓ ସନ୍ତୁଳନ ପାଇଁ ପ୍ରତ୍ୟେକ ବ୍ୟକ୍ତି ଚାରାରୋପଣ କରିବା ଆବଶ୍ୟକ। ଅନୁଷ୍ଠାନର ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସ, ବରିଷ୍ଠ ସଭ୍ୟ ବଂଶୀଧର ମହାପାତ୍ର, ଦିବାକର ମହାପାତ୍ର, ସମ୍ପାଦକ ଇଂ. ବନମାଳୀ ନାୟକ ଆଶ୍ରମର ଟ୍ରଷ୍ଟି ମହେଶ୍ୱର ରାଉତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ଅନୁଷ୍ଠାନର ସଭ୍ୟ ବନବିଭାଗର ଅବସରପ୍ରାପ୍ତ କର୍ମଚାରୀ ଶଶାଙ୍କ ଶେଖର ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାଗୁଆନ, ଆମ୍ବ, ସପେଟା, ଅଁଳା, ଲିଚୁ ଆଦି ୫୦ଟି ଚାରାରୋପଣ କରାଯାଇଥିଲା।

ଅନୁଷ୍ଠାନ ତରଫରୁ ୧୧ବର୍ଷ ଧରି ବନମହୋତ୍ସବ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟି ଅଜିତ୍ କୁମାର ବରାଳ, ରତିକାନ୍ତ ବେହେରା, ପ୍ରଫୁଲ୍ଲ କୁମାର ସେଠୀ, 'ସହାୟକ' ତରଫରୁ ସୁରେନ୍ଦ୍ର ପ୍ରସାଦ ଧଳ, ଶିବ ପ୍ରସାଦ ବେହେରା, ଡ. ତାରାକାନ୍ତ ନନ୍ଦ, ଲୋକନାଥ ଆଚାର୍ଯ୍ୟ, ଶ୍ରୀରାମ ପ୍ରସାଦ ଦାଶ, ଅରୁଣା ରାୟ, ପ୍ରଣୀତା ମିଶ୍ର, ସାବିତ୍ରୀ ଦାସ, ଗଙ୍ଗାଧର ପୃଷ୍ଟି, ସରୋଜ କୁମାର ଚାନ୍ଦ, ଅକ୍ଷୟ ତ୍ରିପାଠୀ, ଯଶୋଦାନନ୍ଦନ ଆଶ, ସୁରେନ୍ଦ୍ର ପ୍ରସାଦ ନାୟକ, କେଶବ ମହାନ୍ତି, ରାମଚନ୍ଦ୍ର ନାୟକ, ସମର ବଲ୍ଲଭ ଭୋଇ, ରାଜେନ୍ଦ୍ର ରାଉତ, ବେଣୁଧର ପାଳ, ନିରଞ୍ଜନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ, ହୃଷୀକେଶ ସାହୁ, ବସନ୍ତଲତା ପଟ୍ଟନାୟକ, ରବୀନ୍ଦ୍ର ପ୍ରହରାଜ, ବିଷ୍ଣୁ ଚରଣ ପାଢ଼ୀ, ପ୍ରଭୁ ଦୟାଲ ରାମ, ସେକ୍ ଆଲ୍ଲାଉଦ୍ଦିନ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବର୍ଷା ନାହିଁ, ଚାଷୀ ହନ୍ତସନ୍ତ

**ଜଳେଶ୍ୱର, ୨୩।୭(ଡି.ଏନ.ଏ.)**



ପଡ଼ିଆ ପଡ଼ିଛି ଚାଷ ଜମି।

ଚଳିତ ଖରିଫ ଋତୁରେ ଚାଷ ଉପଯୋଗୀ ବର୍ଷା ହୋଇ ନ ଥିବାରୁ ଚାଷୀମାନେ ଏବେ ମଥାରେ ହାତଦେଇ ବସିଛନ୍ତି। ମାତ୍ର ଧାନଚାଷ ପାଇଁ ଜମିରେ ପାଣି ନ ଥିବା ଯୋଗୁ ବର୍ତ୍ତମାନ ପର୍ଯ୍ୟନ୍ତ ବେଉଷଣ ହୋଇପାରି ନାହିଁ। କାଁ ଭାଁ ଉଠା ଜଳସେଚନ ପ୍ରକଳ୍ପର ଏରିଆ ମଧ୍ୟରେ ଚାଷୀମାନେ ଯେଉଁ ତଳିଘେର ପ୍ରସ୍ତୁତ କରି ରଖିଛନ୍ତି ସେସବୁ ତଳି ୪୦ ରୁ ୪୫ ଦିନ ଊର୍ଦ୍ଧ୍ୱ ହୋଇଯାଇଛି। ଯଦି ଆଉ ଏକ ସପ୍ତାହ ମଧ୍ୟରେ ରୁଆପୋତା କରା ନ ଗଲେ ଉତ୍ତର ବାଲେଶ୍ୱରର ଜଳେଶ୍ୱର ଅଞ୍ଚଳର ୧୪ହଜାର ୪୬ହେକ୍ଟର, ଭୋଗରାଇ ଅଞ୍ଚଳର ୧୩ହଜାର ୫୨୫ହେକ୍ଟର, ବସ୍ତା ଅଞ୍ଚଳର ୧୫ହଜାର ୧୮୯ହେକ୍ଟର ଓ ବାଲିଆପାଳ ଅଞ୍ଚଳର ୪ହଜାର ୮୬୫ହେକ୍ଟର ଚାଷଜମିର ୬୦ଭାଗ ଧାନଚାଷ ଅମଳ ନିଶ୍ଚିତ ଭାବେ ପ୍ରଭାବିତ ହେବ। କାରଣ ଧାନବିହନ ଗାଲିଗଜାଠାରୁ ୩୦ଦିନ ମଧ୍ୟରେ ରୁଆପୋତା କଲେ ଧାନଗଛ ପିଲୋ ପ୍ରଦାନ କରିଥାଏ। ମାତ୍ର ଚାଷମାନଙ୍କଠାରେ ଥିବା ତଳି ବଡ ହୋଇଯାଇଥିବାରୁ ସେଥିରେ ପିଲୋ ଦେବାର କ୍ଷମତା ନାହିଁ। ଯାହା ରୁଆପୋତାରେ ଅଧିକ ତଳି ଖର୍ଚ୍ଚ ହେବ।

ବର୍ତ୍ତମାନ ଚାଷୀମାନଙ୍କ ପାଖରେ ଧାନବିହନ ନ ଥିବାରୁ ଅଧିକାଂଶ ଜମି ଚାଷ ନ ହୋଇ ପଡ଼ିଆ ପଡ଼ିବ। ଯାହାଦ୍ୱାରା ଚାଷୀମାନେ ସେମାନଙ୍କର ପରିବାର ଚଳାଇବା କଷ୍ଟସାଧ୍ୟ ହେବ। ତତ୍‌ସହିତ ଚାଷୀମାନେ ବ୍ୟାଙ୍କ ଓ ହାତଉଧାରି କରି ଯେଉଁ ଋଣ କରି ଚାଷକାମରେ ନିୟୋଜିତ କରିଥିଲେ ତାହା ପରିଷୋଧ କରିପାରିବେ ନାହିଁ। ଚାଷୀଙ୍କ ଏହିସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଉଠାଜଳସେଚନ ପ୍ରକଳ୍ପଗୁଡ଼ିକରୁ ବିଦ୍ୟୁତ ବିଲ୍ ଛାଡ଼ କରିବା ସହ ଅଚଳ ପ୍ରକଳ୍ପ ଗୁଡ଼ିକୁ ସଚଳ କରିବା, ନଦୀ ଓ ଖାଳ ଗୁଡ଼ିକରୁ ପମ୍ପ ସାହାଯ୍ୟରେ ଚାଷଜମିକୁ ପାଣି ଯୋଗାଇଦେବା ଏବଂ ସ୍ୱଳ୍ପଦିନିଆ ଧାନକିସମର ବିହନକୁ ମାଗଣାରେ ଯୋଗାଇବା, ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇବା ନିମପୁର ଗ୍ରାମର ନିମାଁଇ ପ୍ରଧାନ, ଆରୁହା ଗ୍ରାମର ସତ୍ୟରଞ୍ଜନ ପତି, ଶାଳିକୋଠା ଗ୍ରାମର କାର୍ତ୍ତିକ ଚନ୍ଦ୍ର ଗିରି ପ୍ରମୁଖ ଚାଷୀମାନେ ଦାବି କରିଛନ୍ତି। ମରୁଡ଼ି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ପ୍ରକାଶ କରିଛନ୍ତି ଚାଷୀକୁଳ।

## ସଂକ୍ଷେପରେ

### ଜିଲାପାଳଙ୍କୁ ଭେଟିଲେ ଖବରଦାତା

ଉଦଳା,୨୩।୭(ଡି.ଏନ୍.ଏ.): ଖୁଣ୍ଟା ଥାନାର ଜନୈକ ପୋଲିସ ଅଧିକାରୀ ଜଣେ ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣାକୁ ନେଇ ସୋମବାର କପ୍ତିପଦା ଉପଖଣ୍ଡ ସାମ୍ବାଦିକ ସଂଘର ସଦସ୍ୟମାନେ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟିଛନ୍ତି। ଏହି ଘଟଣାକୁ ନେଇ ପୂର୍ବରୁ ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଉଦଳା ଉପଖଣ୍ଡ ପୋଲିସ୍ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ରଙ୍କୁ ମଧ ସାମ୍ବାଦିକ ସଂଘ ପକ୍ଷରୁ ଲିଖିତ ଅଭିଯୋଗ ଦିଆଯାଇଥିଲା। ହେଲେ ଏହି ଘଟଣାର ଦୁଇ ସପ୍ତାହ ବିତିଯାଇଥିଲେ ମଧ ଜିଲା ପୋଲିସ୍ ପ୍ରଶାସନ ଦୁର୍ବ୍ୟବହାର କରିଥିବା ପୋଲିସ ଅଧିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି । ଏଥିନେଇ ସାମ୍ବାଦିକଙ୍କ ମଧରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଉପରେ ଆକ୍ରମଣ ଘଟଣା ବଢି ଚାଲିଥିବା ବେଳେ ମୟୂରଭଞ୍ଜ ପୋଲିସ୍ ପ୍ରଶାସନ ପକ୍ଷରୁ ଏହି ଘଟଣାକୁ ଗୁରୁତ୍ୱ ଦିଆ ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ୭ ଦିନ ମଧରେ ଉକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଉପଖଣ୍ଡ ସାମ୍ବାଦିକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏଦିଗରେ ଆରକ୍ଷୀ ଅଧୀକ୍ଷକଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବେ ବୋଲି ଜିଲାପାଳ କହିଛନ୍ତି।

### ‘ବୃକ୍ଷ ଆମ ଜୀବନ’ ଆଲୋଚନାଚକ୍ର

ଖୁଣ୍ଟା,୨୩।୭(ଡି.ଏନ୍.ଏ.)-ଖୁଣ୍ଟା ବ୍ଲକ ଅଧୀନ ଧାନଘେରା ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ‘ବୃକ୍ଷ ଆମ ଜୀବନ’ ଶୀର୍ଷକ ଆଲୋଚନାଚକ୍ରରେ ଉଦଳା ଫରେଷ୍ଟର ଅସୀମ କୁମାର ବେହେରା ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଗଛର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବୁଝାଇ ଥିଲେ। ବନକର୍ମଚାରୀଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟ ପରିସରରେ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ୫୦ଟି ଚାରା ରୋପଣ କରିଥିଲେ ।

■ନଭେମ୍ବର ୨୬ରୁ ମୟୂରଭଞ୍ଜ ମହୋତ୍ସବ

# ମାଂସ ମୁଢ଼ିର ମଜା ସହିତ ଲଘୁ ବନଜାତ ଦ୍ରବ୍ୟ କ୍ରୟ କରିପାରିବେ ଦର୍ଶକ

ବାରିପଦା ଅଫିସ,୨୩।୭

ଆସନ୍ତା ନଭେମ୍ବର ୨୬ ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଐତିହାସିକ ଛଉ ପଡ଼ିଆଠାରେ ମୟୂରଭଞ୍ଜ ମହୋତ୍ସବ-୨୦୧୯ ଅନୁଷ୍ଠିତ ହେବ। ବାରିପଦା ସହର କେସି ସର୍କଲସ୍ଥିତ ସାଇ ବିନାୟକ ମଣ୍ଡପଠାରେ ମୟୂରଭଞ୍ଜ ମହୋତ୍ସବ ପାଳନ କମିଟିର ଏକ ବୈଠକରେ ଏହି ସିଦ୍ଧାନ୍ତ ନିଆଯାଇଛି। ଜିଲାର କଳା ଓ ସଂସ୍କୃତିକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହିତ ବିଲୁପ୍ତ ଲୋକକଳାକୁ ପ୍ରୋତ୍ସାହନ ଦେଇ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ପାଳନ ହୋଇ ଆସୁଛି। ବିଗତ ବର୍ଷରେ ଏହି ଉତ୍ସବ ୫ ଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଏହା ୬ ଦିନକୁ ବୃଦ୍ଧି କରାଯାଉଛି। ରାଜ୍ୟର ବିଭିନ୍ନ ଜିଲା ସମେତ ପଡୋଶୀ ରାଜ୍ୟର ଲୋକକଳାକୁ ଏଥିରେ ସ୍ଥାନ ଦିଆଯିବ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ସିନେ ତାରକାମାନେ ଲୋକଙ୍କ ମନୋରଞ୍ଜନ କରିବେ। ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗେ ଦେବେ। ଦର୍ଶକମାନଙ୍କୁ ଆକୃଷ୍ଟ କରିବା ପାଇଁ ଷ୍ଟଲ ଗୁଡିକରେ ମାଂସ ମୁଢ଼ି, ଚାଉଳ ରୋଟି, ଗୁଡ ଲଡ୍ଡୁ, ଆରିଷା ପିଠା, ପୋଡ ପିଠା, ଦଳା ଖେଚୁଡି, ରାମରୋଚକ ଆଦି ଖାଦ୍ୟର ବ୍ୟବସ୍ଥା କରାଯିବ। ଦର୍ଶକମାନେ ଏହିସବୁ ସ୍ଥାନୀୟ ଖାଦ୍ୟର ମଜା ନେବା ସହିତ ଏଠାରେ ଲଘୁ ବନଜାତ ଦ୍ରବ୍ୟ, ହସ୍ତତନ୍ତ ଓ ସବାଇ ଘାସରୁ ତିଆରି ବିଭିନ୍ନ ଦ୍ରବ୍ୟ କ୍ରୟ କରିପାରିବେ। ବୈଠକରେ ମହୋତ୍ସବ କମିଟି ସଭାପତି ଅସିତ ପତି, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ଦ୍ୱିବେଦୀ, ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନାଙ୍କ ସମେତ ବହୁ ସାମଜିକ କର୍ମୀ, ଯୁବ ଉଦ୍ୟୋଗୀ, ଶିକ୍ଷାବିତ, ଚଳଚ୍ଚିତ୍ର ନିର୍ଦ୍ଦେଶକ, କଳାକାର ଓ ମହୋତ୍ସବ ପାଳନ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ କମିଟିର କର୍ମକର୍ତ୍ତା ଓ ଅନ୍ୟମାନେ ।

# ‘ଶିକ୍ଷାନୁଷ୍ଠାନକୁ ସୁଲଭ ମୂଲ୍ୟରେ ଜମି ଯୋଗାଇ ଦିଅ’

ବାରିପଦା ଅଫିସ,୨୩।୭

ରାଜ୍ୟ ସରକାର ୧୯୭୭ ମସିହାରେ ପ୍ରଣୟନ କରିଥିବା ନିୟମ ଅନୁସାରେ ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କୁ ମାଗଣାରେ ସରକାରୀ ଜମିଯୋଗାଇଦେବା ନିମନ୍ତେ ନିୟମ ପ୍ରଣୟନ କରିଥିଲେ । କିନ୍ତୁ ରାଜ୍ୟ ସରକାରଙ୍କର ରାଜସ୍ୱ ବିଭାଗ ଚିଠି ନଂ.୬୨୨୫୦ ତା.୨୬।୧୧।୯୮ରେ ନିୟମରେ ପରିବର୍ତ୍ତନ କଲାବେଳେ ଆଦିବାସୀ ଜିଲାରେ ସ୍ଥାପିତ ଶିକ୍ଷାନୁଷ୍ଠାନମାନଙ୍କର ଜମି ଜମା ସଂକ୍ରାନ୍ତୀୟ ଅସୁବିଧାକୁ ବିଚାରକୁ ନ ନେଇ ନିୟମରେ ପରିବର୍ତ୍ତନ କରିଦେଲେ ଯାହା ଫଳରେ ମୟୂରଭଞ୍ଜ ଭଳି ଓଡ଼ିଶାର ଅନ୍ୟ ଆଦିବାସୀ ବହୁଳ ଜିଲାଗୁଡିକ ବହୁଳ ଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି। ମୟୂରଭଞ୍ଜ ଜିଲାର ଅଧିକାଂଶ ଶିକ୍ଷାନୁଷ୍ଠାନମାନଙ୍କର ଜମିଜମା ରେକର୍ଡଭୁକ୍ତ ହୋଇପାରି ନାହିଁ। ତେଣୁ ସଚେତନ ନାଗରିକ ମଞ୍ଚ ତରଫରୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମଞ୍ଚର କହିବା ମୁତାବକ ରାଜ୍ୟ ସରକାର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସ୍ୱଳ୍ପ ଦାମରେ ସରକାରୀ ଜମି ଯୋଗାଇ ଦେବାର ନିୟମ କରିଥିବା ବେଳେ ଶିକ୍ଷାନୁଷ୍ଠାନମାନଙ୍କୁ ସର୍ବାଧିକ ବଜାର ଦରରେ ସରକାରୀ ଜମି ଯୋଗାଇ ଦେବାର ନିୟମ କରିଛନ୍ତି, ଯାହା କୌଣସି ଦୃଷ୍ଟିରୁ ଯୁକ୍ତି ଯୁକ୍ତ ନୁହେଁ। ତେଣୁ ଶିକ୍ଷାନୁଷ୍ଠାନମାନଙ୍କୁ ଶିଳ୍ପଦରର ୫୦% ଦରରେ ସରକାରୀ ଜମି ଯୋଗାଇ ଦେବାକୁ ଦାବି କରାଯାଇଛି । ୧୫-୩୦ ବର୍ଷ ପୂର୍ବେ ଶିକ୍ଷାନୁଷ୍ଠାନମାନଙ୍କ ପାଇଁ ସାଇଟ ସିଲେକ୍ସନ କମିଟି ଦ୍ୱାରା ଜମି ବଛାଯାଇଛି ଏବଂ ସେହି ସରକାରୀ ଜମି ଉପରେ ଶିକ୍ଷାନୁଷ୍ଠାନ ଗଢି ଉଠିଛି। ୧୫-୩୦ ବର୍ଷ ତଳେ ବ୍ୟବହୃତ ହେଉଥିବା ସରକାରୀ ଜମି ପାଇଁ, ରାଜ୍ୟ ସରକାର ବର୍ତ୍ତମାନର ଦର ଧାର୍ଯ୍ୟ କରିବା ଦୁଃଖର ବିଷୟ। ତେଣୁ ଯେଉଁ ମସିହାରେ ଉକ୍ତ ଜମି ବଛାଯାଇଥିଲା, ସେହି ବର୍ଷର ସର୍ବନିମ୍ନ ବଜାର ଦର ଧାର୍ଯ୍ୟ କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷେ କେତେକ ଶିକ୍ଷାନୁଷ୍ଠାନ ସରକାରୀ ଜମିରେ ସ୍ଥାପିତ ହୋଇଛି କିନ୍ତୁ ସଂପୃକ୍ତ ଶିକ୍ଷାନୁଷ୍ଠାନମାନେ ଅନ୍ୟ ସ୍ଥାନରେ ନିଜସ୍ୱ ଜମି ଶିକ୍ଷାନୁଷ୍ଠାନ ନାମରେ କିଣିଛନ୍ତି, ଏପରିସ୍ଥଳେ ସରକାରୀ ଜମି ସହିତ ଶିକ୍ଷାନୁଷ୍ଠାନର ନିଜସ୍ୱ ଜମିକୁ ଅଦଳ ବଦଳକୁ ଅନୁମୋଦନ କରିବାକୁ ଦାବି ଉପସ୍ଥାପନା କରାଯାଇଛି । ସେହିପରି କେତେକ ଶିକ୍ଷାନୁଷ୍ଠାନ ଜଙ୍ଗଲ କିସମ ଜମି ଉପରେ ସ୍ଥାପିତ ହୋଇଛି, ଏପରିସ୍ଥଳେ ଜଙ୍ଗଲ କିସମ ଜମି ଓ ଶିକ୍ଷାନୁଷ୍ଠାନମାନଙ୍କର ନିଜସ୍ୱ ଜମି ସହିତ ବିନା ଉନ୍ନତିକରଣ ଦେୟରେ ଅନୁମୋଦନ କରିବାକୁ ଦାବି ଉପସ୍ଥାପନ କରାଯାଇଛି । ଏହା ବ୍ୟତୀତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ପ୍ରତିବର୍ଷ ଖଜଣା ଏବଂ କର ବାବଦରେ ଟ. ୩,୭୪,୦୦୦ଙ୍କା ଦେବାକୁ ପଡୁଛି । ତେବେ ମହାରାଜପୁର ମୌଜାରେ ୭୨ ଏକର ସରକାରୀ ଜମି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ଯୋଗାଇ ଦେବା ନିମନ୍ତେ ଦାବି ଉପସ୍ଥାପନା କରାଯାଇଛି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏକାଡେମିକ କାଉନସିଲ ସଦସ୍ୟ ପ୍ରଦୀପ ନାୟକ, ପୂର୍ବତନ ବିଧାୟକ କିଶୋର ଦାଶ, ଓକିଲ ସ୍ୱରୂପ କୁମାର ମିଶ୍ର , ବଲାଙ୍ଗୀ ମହୋତ୍ସବର ସମ୍ପାଦକ ଶରତ ନାଏକ, ପୂର୍ବତନ ସିନେଟ ସଦସ୍ୟ ସଂଘମିତ୍ରା ରାଉତ, ଓକିଲ ଲୋକନାଥ ଦାସ, ଜ୍ଞାନରଞ୍ଜନ ତ୍ରିପାଠୀ, ଶତ୍ରୁଘ୍ନ ପ୍ରଧାନ, ଦୀପକ ନାୟକ, ଉଦୟନାଥ ଜେନା, ଉଗ୍ରେସନ ବେହେରା, ନରେନ୍ଦ୍ର ମୋହନ ସେନାପତି, ବିଜୟା ନାୟକ, ରାଜେନ୍ଦ୍ର କୁମାର ନାୟକ, ମୀରା ସେନାପତି ଓ ଅନ୍ୟମାନେ ଏହି ଦାବି କରିଛନ୍ତି।

### ହିନ୍ଦୀ ଓ ଖେଳ ଶିକ୍ଷକଙ୍କୁ ନେଇ ଚାଲିଛି ବିଦ୍ୟାଳୟ

କୁଆମରା,୨୩।୭(ଡି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ସାଇଁକୁଳା ଦାମୋଦର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡିଛି। ଏହି ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ମୋଟ ୭୬ ଛାତ୍ରୀଛାତ୍ର ପଢୁଥିବା ବେଳେ ମାତ୍ର ୩ ଜଣ ଶିକ୍ଷକ ଅଛନ୍ତି। ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ରେକର୍ଡପତ୍ର ଓ ଶିକ୍ଷା ବିଭାଗ ଅଫିସ ଯିବା ଆସିବା କରୁଥିବା ବେଳେ ହିନ୍ଦୀ ଓ ଖେଳ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟର ଶିକ୍ଷାଦାନ ଚାଲିଛି। ୧୯୭୫ ମସିହାରେ ପ୍ରତିଷ୍ଠିତ ବିଦ୍ୟାଳୟ ଏହି ଅଞ୍ଚଳ ପାଇଁ ଏକ ଗୌରବ ଥିଲା। ଶିକ୍ଷା କ୍ଷେତ୍ରରେ ଏହି ବିଦ୍ୟାଳୟରୁ ପ୍ରତି ବର୍ଷ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ଛାତ୍ରୀଛାତ୍ର ଭଲ ନମ୍ବର ଉତୀର୍ଣ୍ଣ ହୋଇ ଆସୁଥିଲେ। ମାତ୍ର ଶିକ୍ଷକ ଅଭାବରୁ ଗତ ମାଟ୍ରିକ ପରୀକ୍ଷା ଫଳ ଆଖିଦୃଶିଆ ହୋଇ ପାରି ନାହିଁ। ଫଳରେ ଅଭିବାବକଙ୍କ ମଧରେ ଅସନ୍ତୋଷ ଦେଖା ଦେବା ସହ ପିଲାଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟାଳୟର ୩ ଶିକ୍ଷକଙ୍କ ମଧ୍ୟରୁ ପ୍ରଧାନ ଶିକ୍ଷୟିତ୍ରୀ ବିଜ୍ଞାନ ବିଭାଗର। ଅନ୍ୟ ୨ଜଣଙ୍କ ମଧ୍ୟରୁ ଜଣେ ଖେଳ ଓ ଜଣେ ହିନ୍ଦୀ ଶିକ୍ଷକ। କଳା ଶିକ୍ଷକ ନାହାଁନ୍ତି। ଇଂରାଜୀ ଓ ସଂସ୍କୃତ ଶିକ୍ଷକ ନ ଥିବାରୁ ଏହି ବିଷୟରେ ପାଠ ପଢା ଠପ ହୋଇ ପଡିଛି। ପ୍ରଧାନ ଶିକ୍ଷକ ୨୦୧୧ରୁ ଅବସର ନେବା ପରେ ପଦବୀ ଶୂନ୍ୟ ପଡିଛି। ୨୦୧୪ରୁ କିରାଣୀ କେହି ନ ଥିବା ବେଳେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ରେକର୍ଡପତ୍ର ଓ ଶିକ୍ଷା ବିଭାଗ ଅଫିସ ଯିବା ଆସିବା କରୁଥିବାରୁ ପାଠପଢାରେ ବେଶୀ ସମୟ ଦେଇପାରୁ ନାହାନ୍ତି। ୩ ଜଣ ପିଅନଙ୍କ ସ୍ଥାନରେ ଏବେ ଜଣେ କାର୍ଯ୍ୟ ତୁଲାଇଛନ୍ତି। ତେବେ ବିଭିନ୍ନ ବିଷୟ ପଢାଇବା ପାଇଁ ମୋଟ ୭ ଜଣ ଶିକ୍ଷକଙ୍କ ଆବଶ୍ୟକତା ଅଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ବିଦ୍ୟାଳୟର ପାଚେରୀ ନ ଥିବାରୁ ବିଦ୍ୟାଳୟ ପରିସରରେ ଅସାମାଜିକ କାର୍ଯ୍ୟକଳାପ ବଢି ଚାଲିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

### ବେକରେ ରଶି ଦେଇ ଯୁବକଙ୍କ ଆତ୍ମହତ୍ୟା

ଚମ୍ପୁଆ,୨୩।୭(ଡି.ଏନ.ଏ.)- ଚମ୍ପୁଆ ଥାନା ଅନ୍ତର୍ଗତ ସୁନାପଶି ପଞ୍ଚାୟତର ଗିରାଧାରୀପୁର ଗ୍ରାମରେ ଜାକିର ମୁଣ୍ଡା ନାମକ ଜଣେ ଯୁବକ ଗତ ସୋମବାର ହାଟରୁ ଫେରି ରାତିରେ ଘରନିକଟ ଏକ ଗଛରେ ଦଉଡି ଦେଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଘର ଲୋକ ତାଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

### ବଳାତ୍କାର ଅଭିଯୋଗରେ ନାବାଳକ ଅଟକ

ଚମ୍ପୁଆ,୨୩।୭(ଡି.ଏନ.ଏ)- କକାଝିଅ ଭଉଣୀଙ୍କୁ ବଳାତ୍କାର ଅଭିଯୋଗରେ ଚମ୍ପୁଆ ପୋଲିସ ନାବାଳକଙ୍କୁ ଅଟକ ରଖି ପଚରା ଉଚରା କରୁଥିବା ଜଣାଯାଇଛି। କଣ୍ଢେଇ ଦେବାର ପ୍ରଲୋଭନ ଦେଖାଇ ନିଜଘରକୁ ଡାକି ବଳାତ୍କର କରିଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଚମ୍ପୁଆ ପୋଲିସ ଉଭୟଙ୍କୁ ଆଣି ଚମ୍ପୁଆ ଚିକିତ୍ସାଳୟରେ ଡାକ୍ତରି ମାଇନା କରିଥିବା ଜଣାପଡିଛି। ପରେ ଅଭିଯୁକ୍ତ ନାବାଳକଙ୍କୁ ବାଳସ୍ୱଧାର ଗୃହକୁ ପଠାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ଅଧକ୍ଷଙ୍କ ବହିଷ୍କାର ଦାବି

ହାଟଡିହୀ,୨୩। ୭(ଡି.ଏନ୍.ଏ./ସ୍ୱ.ପ୍ର.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହଦଗଡ ପଞ୍ଚାୟତ ଦଲକି ବିଦ୍ୟାଳୟରେ ଅଧକ୍ଷଙ୍କ ମନମୁଖୀ କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରି ବହିଷ୍କାର ଦାବି କରିଛନ୍ତି। ଅଧକ୍ଷଙ୍କ ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ବିଶୃଙ୍ଖଳା ଘଟାଉଛନ୍ତି। ତାଙ୍କ ବିରୋଧରେ ମଧ ଅନାସ୍ଥା ପ୍ରସ୍ତାବ ୬ ମାସ ପୂର୍ବରୁ ଦିଆଯାଇଥିଲା। କିନ୍ତୁ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନି। ପୁନଶ୍ଚ ଗ୍ରାମବାସୀ, କମିଟି ସଦସ୍ୟ ଓ ଅଭିଭାବକମାନେ ମଙ୍ଗଳବାର ତାଙ୍କ ବିରୋଧରେ ହାଟଡିହୀ ବିଆରସିସିଙ୍କୁ ଏନେଇ ଏକ ଲିଖିତ ଅଭିଯୋଗ କରିଛନ୍ତି। ତେବେ ବିଆରସିସି ବିନୋଦ ରାଉତ ଘଟଣା ଦିଗରେ ବିଇଓଙ୍କୁ ଜଣାଇ ପଦକ୍ଷେପ ନେବେ ବୋଲି କହିଛନ୍ତି।

■ ଆଦିବାସୀ ଇଲାକାରେ ଶ୍ରମିକଙ୍କ ପ୍ରିୟ ହାଣ୍ଡିଆ

# ସକାଳେ ଆସର ପରେ କର୍ମକ୍ଷେତ୍ର

ତେଲକୋଇ, ୨୩।୭(ଡି.ଏନ.ଏ.)

ଆଦିବାସୀ ବହୁଳ ଅଞ୍ଚଳରେ ବିଭିନ୍ନ ବସ୍ତିରେ ହାଣ୍ଡିଆର ଚାହିଦା ବୃଦ୍ଧି ପାଇଛି। ଏହା ନିଶାଦ୍ରବ୍ୟ ହୋଇଥିଲେ ମଧ ଆଦିବାସୀ ଇଲାକାରେ ଲୋକେ ଏହାକୁ ପିଇ କାମ କରୁଛନ୍ତି। ହାଣ୍ଡିଆ ପିଇବା ପରେ ନିଜ ନିଜ କାର୍ଯ୍ୟରେ ଯୋଗ ଦେଇ ସନ୍ଧ୍ୟାରେ ଘରକୁ ଫେରନ୍ତି। ଏହି ପରମ୍ପରାରେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ମାଲିକମାନେ ମଧ ଆବଶ୍ୟକ ଅନୁଯାୟୀ ଶ୍ରମିକମାନଙ୍କ ପାଇଁ ହାଣ୍ଡିଆ ପିଇବାର ବ୍ୟବସ୍ଥା କରିଥାନ୍ତି । ଶ୍ରମିକ ମାନେ ହାଣ୍ଡିଆ ଖାଦ୍ୟରେ ଗ୍ରହଣ କରିଥାନ୍ତି । ହାଣ୍ଡିଆ ଚାଉଳରୁ ତିଆରି କରାଯାଏ । ଚାଉଳକୁ ସିଝାଇବା ପରେ ଏହାକୁ ହାଣ୍ଡିରେ ଭର୍ତ୍ତି କରି କିଛି ଚେରମୂଳି ସହାୟତାରେ ପ୍ରସ୍ତୁତ କରାଯାଏ। ପ୍ରସ୍ତୁତ ପରେ ହାଣ୍ଡିଆ ନିଶାଯୁକ୍ତ ହେଉଥିବା ବେଳେ ଏହା ଖାଦ୍ୟରେ ପରିଣତ ହୋଇଥାଏ । ଶ୍ରମିକମାନଙ୍କ ପାଇଁ ୧୦ରୁ ୧୫ ଟଙ୍କା ମଧରେ ପେଟ ପୂରୁଥିବା ବେଳେ ନିଶାଯୁକ୍ତ ଯୋଗୁ ଶ୍ରମିକମାନଙ୍କ ଆଗ୍ରହ ବୃଦ୍ଧି ପାଇବାରେ ପରିଲକ୍ଷିତ ହୋଇଛି । ପେଟ ଥଣ୍ଡା ରହିବା ସହିତ ଜଣ୍ଡିସ ଭଳି ରୋଗର ଉପଶମ ହେଉଥିବା ଶ୍ରମିକମାନେ କୁହନ୍ତି । କର୍ମ କ୍ଷେତ୍ରକୁ ବାହାରିବା ବେଳେ ମିଳିତ ଭାବେ ହାଣ୍ଡିଆ ପାଇଁ ଆସରରେ ସମସ୍ତ ଶ୍ରମିକ ବସନ୍ତି। ଏହି ଆସରରେ ପୁରୁଷ ମହିଳା ଉଭୟ ସାମିଲ ହୋଇଥାନ୍ତି । ଏଥିପାଇଁ ପ୍ରତି ଗ୍ରାମରେ ହାଣ୍ଡିଆ ପ୍ରସ୍ତୁତି କରାଯାଇ ବ୍ୟବସାୟରେ ପରିଣତ କରିଥାନ୍ତି ହାଣ୍ଡିଆ ବିକ୍ରେତା। ଜଣେ ମହିଳା କହିଛନ୍ତି ଯେ, ଏହା ଆମ ମାନଙ୍କ ଖାଦ୍ୟ। ସକାଳ ସମୟରୁ ଏହି ଖାଦ୍ୟ ଯୋଗୁ ଦିନର କାର୍ଯ୍ୟ କରିବା ସହଜ ହୋଇଥାଏ। ତେବେ ହାଣ୍ଡିଆ ପାଇଁ ଅବକାରୀ ବିଭାଗର କଟକଣା ନ ଥିବା ଯୋଗୁ ପ୍ରତି ଗ୍ରାମ ଓ ରାସ୍ତା କଡରେ ଏହାର ବିକ୍ରି ବୃଦ୍ଧି ପାଇବାରେ ଲାଗିଛି ।

# ବୁଲିଲା ଡେଙ୍ଗୁ ସଚେତନତା ଗାଡ଼ି



ପୌର ନିର୍ବାହୀ ଅଧିକାରୀ ଡେଙ୍ଗୁ ସଚେତନତା ଗାଡିର ଉଦଘାଟନ କରୁଛନ୍ତି।

ବଡବିଲ, ୨୩।୭(ସ୍ୱ.ପ୍ର.)

ବଡବିଲ ପୌରାଞ୍ଚଳରେ ମଙ୍ଗଳବାର ପୂର୍ବାହ୍ନରେ ଡେଙ୍ଗୁ ସଚେତନତା ଗାଡିର ଶୁଭ ଉଦ୍‌ଘାଟନ ହୋଇଛି। କେଜେଏସ ଆହଲୁୱାଲିଆ କମ୍ପାନୀ ପ୍ରାୟୋଜିତ ଏହି ସଚେତନତା ଗାଡିକୁ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଫିତା କାଟି ଉଦ୍‌ଘାଟନ କରିବା ସହ ସଚେତନତା ପ୍ରଚାରପତ୍ରର ଉନ୍ମୋଚନ କରିଥିଲେ। ଏହି ସମୟରେ କମ୍ପାନୀ ନିର୍ଦ୍ଦେଶକ ପ୍ରଶାନ୍ତ ଆହଲୁୱାଲିଆଙ୍କ ସହ କମ୍ପାନୀ କର୍ମଚାରୀ ଓ ପୌର କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ପୌରାଞ୍ଚଳର ଗଳିକନ୍ଦିରେ ଏହି ଗାଡିରେ ସଂଯୋଗ ହୋଇଥିବା ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାରପତ୍ର ବଣ୍ଟନ କରାଯାଇ ଜନସାଧାରଣଙ୍କୁ ସଚେତନ କରିବାକୁ ଉଦ୍ୟମ କରାଯିବ ବୋଲି କମ୍ପାନୀ ନିର୍ଦ୍ଦେଶକ ପ୍ରଶାନ୍ତ କହିଥିଲେ।

### ଜାତୀୟ ରାଜପଥରେ ଖସିଲା ବିଦ୍ୟୁତ୍ ତାର
## ଅଳ୍ପକେ ବର୍ତ୍ତିଲେ ଚାଳକ, ଯାତ୍ରୀ

ବଡବିଲ, ୨୩।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଭଦ୍ରାସାହି-ଗୁଆଲି ଦେଇ ଯାଇଥିବା ଜାତୀୟ ରାଜପଥର ବାରବାଙ୍କଠାରେ ଏକ ହାଇଟେନଶନ ବିଦ୍ୟୁତ ତାର ସହ ଖୁଣ୍ଟ ଖସିପଡିଥିବା ଜଣାପଡିଛି। ସେହି ସମୟରେ ବିଦ୍ୟୁତ ସରବରାହ ବ୍ୟାହତ ଥିବାରୁ ଗାଡ଼ିର ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ଖୁଣ୍ଟ ପଡ଼ି ଗାଡ଼ିର ସମ୍ମୁଖ ଭାଗ ନଷ୍ଟ ହୋଇଯାଇଛି। ଖବର ପାଇ ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷ ସେଠାରେ ପହଞ୍ଚି ଏହି ଖୁଣ୍ଟକୁ ହଟାଇବାପରେ ଯାତାୟାତ ସମ୍ଭବ ହୋଇଥିଲା।

## ମେଗା ସ୍ୱାସ୍ଥ୍ୟ ଶିବିର

କେନ୍ଦୁଝର, ୨୩।୭ (ସ୍ୱ.ପ୍ର.)

ସ୍ଥାନୀୟ ବଡହଲ ପ୍ରଜ୍ଞାବିହାର ସ୍ଥିତ ଆମେଜ ପରିସରରେ ମେଗା ସ୍ୱାସ୍ଥ୍ୟ ଶିବିର ଆରମ୍ଭ ହୋଇ ଯାଇଛି । ଏହାକୁ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଉଦ୍‌ଘାଟିତ କରିଥିଲେ। ଫାର୍ମାସୀ କଲେଜ ଆନୁକୂଲ୍ୟରେ ଓ ରୋଟାରିଆନ ଇଂ ବସନ୍ତ କୁମାର ଦାନୀଙ୍କ ଉଦ୍ୟମରେ ଏହି ସ୍ୱାସ୍ଥ୍ୟ ଶିବିର ଆରମ୍ଭ ହୋଇଛି ।

# ରାସ୍ତା ପାର୍ଶ୍ୱରେ ଚାରା ରୋପଣ



ସୁଆଁପଦା-ଶାଳଦେଇ ରାସ୍ତା କଡ଼ରେ ଚାରାରୋପଣ କରାଯାଉଛି।

ଆନନ୍ଦପୁର, ୨୩।୭(ସ୍ୱ.ପ୍ର.)

ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତ ସୁଆଁପଦା - ଶାଳଦେଇ ରାସ୍ତାର କଡେ କଡେ ବୃକ୍ଷରୋପଣ କରାଯାଇଛି। ତରୁଆଁ ଗ୍ରାମର ଅବସରପ୍ରାପ୍ତ ଅଧାପକ ବୀରବର ଭଞ୍ଜଙ୍କ ତତ୍ତ୍ୱାବଧାନରେ ନିରାକାର ଭଞ୍ଜ, ୱାର୍ଡ ସଭ୍ୟ ସୁରେନ୍ଦ୍ର କୁମାର ସାହୁ, ବଣିଆପାଣିର ଶିକ୍ଷକ ଭୀମସେନ ଜେନା ପ୍ରମୁଖ ଉପସ୍ଥିତ ରହି ବର ଓ ଅଶ୍ୱତଥ ଚାରା ରୋପଣ କରିବା ସହିତ ଏହାର ସୁରକ୍ଷା ପାଇଁ ବାଡାର ବ୍ୟବସ୍ଥା ଗ୍ରହଣ କରିଥିଲେ। ଆଗାମୀ ଦିନରେ ଏହି ରାସ୍ତାର ପ୍ରତ୍ୟେକ ସ୍ଥାନରେ ବଡ ବୃକ୍ଷରୋପଣ କରିବା ପାଇଁ ସ୍ଥିର କରିଥିବା ଜଣାପଡିଛି। ଏଭଳି ଉଦ୍ୟମକୁ ସାଧାରଣରେ ସାଧୁବାଦ ଜ୍ଞାପନ କରାଯାଇଛି।

### ଭଉଣୀଙ୍କୁ ମରଣାନ୍ତକ ଆକ୍ରମଣ କରି ସାନଭାଇ ଗିରଫ

ବଡବିଲ, ୨୩।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ସେଡିଂ ବସ୍ତି ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ବଡ ଭଉଣୀଙ୍କୁ ମରଣାନ୍ତକ ଆକ୍ରମଣ କରି ସାନ ଭାଇ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ରଞ୍ଜିତ ପାତ୍ର। ସେଡିଂ ବସ୍ତିରେ ରହୁଥିବା ଜଣେ ମହିଳାଙ୍କୁ ତାଙ୍କ ସାନ ଭାଇ ରଞ୍ଜିତ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘରୋଇ କଳହ ନେଇ ଆକ୍ରମଣ ହୋଇଥିବା ବଡବିଲ ଥାନା ଆଇଆଇସି କହିଛନ୍ତି। ତେବେ ଆହତ ମହିଳାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ରୋଟାରି କ୍ଲବର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା

ବଡବିଲ, ୨୩।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲସ୍ଥିତ ରୋଟାରୀ କ୍ଲବର ଚତୁର୍ଥ ସଂସ୍ଥାପନ ଦିବସ ଅବସରରେ ସୋମବାର ସନ୍ଧ୍ୟାରେ ନିର୍ବାଚିତ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଥିବାବେଳେ ମଙ୍ଗଳବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଏକ ଘରୋଇ ହୋଟେଲରେ ରୋଟାରୀ କ୍ଲବ ବଡବିଲ ଶାଖା ପକ୍ଷରୁ ଏହି ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶାନ୍ତନୁ କୁମାର ପାଣି ଓ ସମ୍ମାନିତ ଅତିଥି ଭାବେ ଆର୍ଯ୍ୟସୂତ ଅପର୍ଣ୍ଣା ଦାଶ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କ୍ଲବର ସଦସ୍ୟ ଅଶୋକ ଠକର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ, କ୍ଲବ ସମ୍ପାଦକ ଚିତ୍ରସେନ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଅନୁପ ଅଗ୍ରୱାଲ ବିଗତ ଦିନର ବିଭିନ୍ନ ଲୋକହିତକର କାର୍ଯ୍ୟ ସବୁ ଅଭିଭାଷଣରେ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ମହିଳା ସଶକ୍ତିକରଣ ଉପରେ ବିଶେଷ ଧ୍ୟାନ ଦେବାକୁ କ୍ଲବ ସଦସ୍ୟଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବଡବିଲ, ଯୋଡା ଓ କେନ୍ଦୁଝର ଜିଲାର ରୋଟାରୀ ଅନେକ ସଦସ୍ୟ ଯୋଗଦେଇଥିଲେ। ଶେଷରେ ମୁଖ୍ୟଅତିଥି ୨୦୧୯-୨୦ ବର୍ଷ ନିମନ୍ତେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ସଭାପତି ଭାବେ ମନୋଜ ମାନେକ, ଉପସଭାପତି ଭାବେ ଚିତ୍ରସେନ ସ୍ୱାଇଁ, ସମ୍ପାଦକ ଭାବେ ମନଜିନ୍ଦର ସିଂହ, ଯୁଗ୍ମ ସମ୍ପାଦକ ଭାବେ ଧର୍ମେନ୍ଦ୍ର ଅଗ୍ରୱାଲ ଏବଂ କୋଷାଧ୍ୟକ୍ଷ ଭାବେ ମୁକେଶ କୁମାର ଠକରଙ୍କ ସହ ବିଭିନ୍ନ ପଦବୀର କର୍ମକର୍ତ୍ତାମାନଙ୍କ ନାମ ଘୋଷଣା ହେବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଏହି ଦିବସ ଅବସରରେ ଅବସରରେ ମଙ୍ଗଳବାର ସ୍ଥାନୀୟ ଗୁଜୁରାଟି ସନାତନ ସମାଜ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।




ସଂସ୍ଥାପନ ଦିବସ ଅବସରରେ ଉପସ୍ଥିତ ଅତିଥି ଓ ସଦସ୍ୟ।

